
୩୦ ଜୁନ୍ -୬ ଜୁଲାଇ ୨୦୨୪

ସକାଳ
THE SAKALA

# ରବିବାର ସିନ୍ଦୁର

- ଓଡ଼ିଶାର ଜୀବନରେଖା
- ବିବାଦରେ ମହାନଦୀ
- ରାଜନୀତିର ପଶାପାଲିରେ ମହାନଦୀ
- ମୃତ୍ୟୁଶଯ୍ୟାରେ ମହାନଦୀ
- ମହାନଦୀର ଜଳ ପ୍ରବାହ ହ୍ରାସ
- ପ୍ରଭାବିତ ହୀରାକୁଦ ଜଳଭଣ୍ଡାର



# ମୃତ୍ୟୁମୁହାଁ ମହାନଦୀ

ଭାରତରେ ପ୍ରବାହିତ ହେଉଛି ଅନେକ ଛୋଟବଡ଼ ନଦୀ । ମାନବ ସଭ୍ୟତାର ବିକାଶ ଦିଗରେ ପ୍ରତିଟି ନଦୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଶାରେ ପ୍ରବାହିତ ସବୁଠାରୁ ବଡ଼ ନଦୀ ମହାନଦୀ । ଛତିଶଗଡ଼ରୁ ଉତ୍ପତ୍ତି ଲାଭ କରିଥିବା ଏହି ନଦୀ ଓଡ଼ିଶାର ବିଭିନ୍ନ ଜିଲ୍ଲା ଦେଇ ପ୍ରବାହିତ ହୋଇ ବଙ୍ଗୋପସାଗରରେ ବିଲୀନ ହୋଇଛି । ତେବେ ମହାନଦୀର ଦୀର୍ଘ ଯାତ୍ରା ଓଡ଼ିଶାବାସୀଙ୍କ ପାଇଁ ବରଦାନ ସଦୃଶ ।

ଭାରତର ପ୍ରାଚୀନ ନଦୀ ମଧ୍ୟରୁ ମହାନଦୀ ଅନ୍ୟତମ । ପୁରାଣ, ଇତିହାସରେ ମଧ୍ୟ ମହାନଦୀର ବର୍ଣ୍ଣନା କରାଯାଇଛି । 'ରାମାୟଣ', 'ମହାଭାରତ', 'ବିଷ୍ଣୁପୁରାଣ' ଓ 'ଭାଗବତ' ଆଦି ଧର୍ମଗ୍ରନ୍ଥରେ ମହାନଦୀ ସଂପର୍କରେ ଉଲ୍ଲେଖ ରହିଛି । ଗଙ୍ଗା ଭଳି ମହାନଦୀକୁ ମଧ୍ୟ ପବିତ୍ର ନଦୀ ଭାବେ ବିବେଚନା କରାଯାଏ । ମହାନଦୀ ତଟରେ ରହଛି ଅନେକ ଧାର୍ମିକ ପୀଠ । ଓଡ଼ିଶାର ଜନଜୀବନ, ସଂସ୍କୃତି,ଆଧ୍ୟାତ୍ମିକତା ସହିତ ଗଭୀର ଭାବେ ଜଡ଼ିତ । ଲକ୍ଷ ଲକ୍ଷ ଲୋକଙ୍କୁ ଜୀବନଜୀବିକା ଯୋଗାଉଛି ଏହି ନଦୀ । ମହାନଦୀରୁ ଅନେକ କଳାକାରଖାନାକୁ ଜଳ ଯୋଗାଣ ହେଉଛି । ପୁଣି ମହାନଦୀ ପାଣିରୁ ଚାଷ ଜମିକୁ ଜଳସେଚନ କରାଯାଉଛି । ଏହାକୁ ବିଚାରକୁ ନେଲେ ମହାନଦୀ ଓଡ଼ିଶାବାସୀଙ୍କ ପାଇଁ ଈଶ୍ୱରଙ୍କ ଏକ ଅମୂଲ୍ୟ ବରଦାନ କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଓଡ଼ିଶାର ଜୀବନରେଖା ମହାନଦୀ ଏବେ ବିପଦରେ । ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାର ଛୋଟ ବଡ଼ ଡ୍ୟାମ୍ ଓ ବ୍ୟାରେଜ୍ ନିର୍ମାଣ ଯୋଗୁଁ ତଳମୁଣ୍ଡରେ ଜଳ ପ୍ରବାହ କମି ଯାଉଥିବା ପରିଲକ୍ଷିତ ହେଉଛି । ଏହାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘ ଦିନ ହେଲା ବିବାଦ ଲାଗି ରହିଛି । ସମସ୍ୟାର ସମାଧାନ ପାଇଁ ଟ୍ରିବ୍ୟୁନାଲ୍ ଗଠନ କରାଯାଇଛି । ହେଲେ ଏହାର କୌଣସି ସମାଧାନର ବାଟ ବାହାରି ପାରିନାହିଁ । ଅନ୍ୟପକ୍ଷରେ ଏହାକୁ ନେଇ ରାଜନୀତି ମଧ୍ୟ ଜୋର୍ ଧରିଛି । ତଳମୁଣ୍ଡକୁ ଆବଶ୍ୟକ ପରିମାଣର ପାଣି ଆସୁ ନଥିବାରୁ ମହାନଦୀରୁ ପାନୀୟ ଜଳ ଯୋଗାଣ, ଜଳ ସେଚନ, ବିଦ୍ୟୁତ୍ ଉତ୍ପାଦନ ଆଦି ବାଧାପ୍ରାପ୍ତ ହେବାରେ ଲାଗିଛି । ମହାନଦୀକୁ ନେଇ ସୃଷ୍ଟ ବିପଦକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ମୃତ୍ୟୁମୁହାଁ ମହାନଦୀ**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ,ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

**ବୃଷ**
ରବି, ସୋମ,ମଙ୍ଗଳବାରରେ ଧନହାନି ହୋଇପାରେ । ମନସ୍ତାପ ଓ ସମସ୍ୟା ବୃଦ୍ଧି ପାଇବ । ବୁଧ, ଗୁରୁବାରରେ ସାଙ୍ଗସାଥୀଙ୍କ ସହ ଭୁଲ୍ ବୁଝାମଣା ପାଇଁ ଦୂରତା ବଢ଼ିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଭାଇଭଉଣୀଙ୍କ ସହଯୋଗ ପାଇବେ ।

**ମିଥୁନ**
ରବି, ସୋମ,ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ଛାତ୍ରଛାତ୍ରୀମାନେ କ୍ୟାରିୟର୍‌ରେ ଉନ୍ନତି କରିବେ ।

**କର୍କଟ**
ରବି,ସୋମ,ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ପରିବାରରେ ଏକତା ବଢ଼ିବ । ବୁଧ,ଗୁରୁବାରରେ ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ । ସୁଖ ସନ୍ତୋଷର ଅଧିକାରୀ ହେବେ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ମନ ଅସ୍ଥିର ରହିବ । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ବ୍ୟବସାୟିକ ଆୟବ୍ୟୟ ସମାନ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ ଏବଂ ସମସ୍ତ କାର୍ଯ୍ୟରେ ସଫଳତା ହାସଲ କରିବେ ।

**କନ୍ୟା**
ରବି, ସୋମ,ମଙ୍ଗଳବାରରେ କ୍ୟାରିୟର୍‌ରେ ଉନ୍ନତି ପରିଲକ୍ଷିତ ହେବେ । ଭୁଲ୍ ବୁଝାମଣା ପାଇଁ ସମ୍ପର୍କରେ ତିକ୍ତତା ଦେଖାଦେବ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ । ବିଦେଶ ଯାତ୍ରା ଯୋଗ ରହିଛି ।

**ତୁଳା**
ରବି, ସୋମ,ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହେବେ । କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବେ ।


**ବିଛା**
ରବି,ସୋମ,ମଙ୍ଗଳବାରରେ ସଫଳତାର ରାସ୍ତା ପାଇବେ । ଅନେକ ଦିନର ଆଶା ପୂରଣ ହେବ । ବୁଧ,ଗୁରୁବାରରେ ଆର୍ଥିକସ୍ଥିତି ସ୍ୱଚ୍ଛଳ ରହିବ । ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**ଧନୁ**
ରବି, ସୋମ,ମଙ୍ଗଳବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ସମସ୍ୟାର ସମାଧାନ ଘଟିବ । ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ । ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ଭଲ ରହିବ ।

**ମକର**
ରବି, ସୋମ,ମଙ୍ଗଳବାରରେ କର୍ମକ୍ଷେତ୍ରରେ ଚଳଚଞ୍ଚଳ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରରେ ବ୍ୟବସାୟରେ ପ୍ରସାର ହୋଇପାରେ । ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଦୂରଯାତ୍ରାର ଯୋଗ ରହିଛି ।

**କୁମ୍ଭ**
ରବି,ସୋମ,ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ବୁଧ,ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ଶୁକ୍ର, ଶନିବାରରେ ସମସ୍ୟାରେ ପଡ଼ିଯାଇ ପାରନ୍ତି । ବ୍ୟବସାୟରେ କ୍ଷତି ହୋଇପାରେ ।

**ମୀନ**
ରବି,ସୋମ,ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ,ଗୁରୁବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।



## ବନ୍ଧ ନିର୍ମାଣ


ଇବ୍, ଅଙ୍ଗ, ମଣ୍ଡ ଓ ତେଲ ଉପନଦୀ ସହିତ ଓଡ଼ିଶାରେ ମିଶିଛନ୍ତି । ୧୯୪୫ ମସିହାରେ ଡକ୍ଟର ଏ.ଏନ୍. ଖୋସଲା ମହାନାଦୀ ବେସିନ୍‌ରେ ଏକ ବୃହତ୍ ପ୍ରକଳ୍ପର ପରିକଳ୍ପନା କରିଥିଲେ । ମହାନଦୀରେ ବନ୍ୟା ନିୟନ୍ତ୍ରଣ, ଜଳସେଚନ, ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ନୌପରିବହନ ଓ ମତ୍ସ୍ୟ ପାଇଁ ତିନୋଟି ସ୍ଥାନରେ ବନ୍ଧ ନିର୍ମାଣ ପାଇଁ ଚିହ୍ନଟ କରାଯାଇଥିଲା । ଯଥା – ହୀରାକୁଦ, ଟିକରପଡ଼ା ଓ ନରାଜ । ପରିଶେଷରେ ହୀରାକୁଦଠାରେ ମହାନଦୀ ଉପରେ ବହୁମୁଖୀ ନଦୀବନ୍ଧ ଯୋଜନାର ଶୁଭାରମ୍ଭ ହେଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଜାତି ଉଦ୍ଦେଶ୍ୟରେ ହୀରାକୁଦ ନଦୀ ବନ୍ଧ ଯୋଜନାକୁ ସମର୍ପିତ କରିଥିଲେ । ହୀରାକୁଦ ନଦୀବନ୍ଧ ୨୪ କିଲୋମିଟର ଦୀର୍ଘ ଅଟେ । ଏହି ନଦୀବନ୍ଧ ବାମ ପାର୍ଶ୍ୱ ଲମ୍ ଡୁଙ୍ଗୁରି (ପାହାଡ଼) ଓ ଦକ୍ଷିଣ ପାର୍ଶ୍ୱର ଚାନ୍ଦେଲି ଡୁଙ୍ଗୁରିକୁ ନେଇ ବନ୍ଧା ଯାଇଅଛି । ଏହା ଏସିଆ ମହାଦେଶର ବୃହତ୍ତମ କୃତ୍ରିମ ହ୍ରଦ । ହୀରାକୁଦ ଜଳ ଭଣ୍ଡାର ୭୪୩ ବର୍ଗ କିଲୋମିଟର ଅଟେ । ଛତିଶଗଡ଼ ରାଜ୍ୟ ଗଠନ ପରେ ମହନାଦୀ ବେସିନ୍‌ର ମୁଖ୍ୟ ଅଂଶ ଛତିଶଗଡ଼ରେ ମାତ୍ର ୧୫୪ ବର୍ଗ କିଲୋମିଟର ମଧ୍ୟପ୍ରଦେଶେର ଅବସ୍ଥିତ । ହୀରାକୁଦ ନଦୀବନ୍ଧ ନିର୍ମାଣ ପୂର୍ବରୁ ମହାନଦୀ ସମ୍ବଲପୁରଠାରେ ପ୍ରାୟ ଏକ ମାଇଲ ଓସାର ଥିଲା । ମୌସୁମୀ ଋତୁ ସମୟରେ ପ୍ରଚୁର ପରିମାଣର ପଟୁମାଟି ସାଙ୍ଗରେ ବୋହି ଆଣୁଥିଲା ।

# ଓଡ଼ିଶାର ଜୀବନରେଖା

ଓଡ଼ିଶା ଏକ ନଦୀ ବହୁଳ ରାଜ୍ୟ । ଆମ ରାଜ୍ୟରେ ପ୍ରବାହିତ ହେଉଥିବା ପୁଣ୍ୟତୋୟା ନଦୀଗୁଡ଼ିକ ମଧ୍ୟରୁ ମହାନଦୀ ଅନନ୍ୟା ଓ ଅସାଧାରଣ । ଓଡ଼ିଶାର ଇତିହାସ ଐତିହ୍ୟ, ସଂସ୍କୃତି, ଅର୍ଥନୀତି, ଧର୍ମଧାରା ଓ ରାଜନୀତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କବି, ଲେଖକ, ସାହିତ୍ୟିକ, ଗବେଷକ, ଐତିହାସିକ, ବିଦ୍ୱାନ ଓ ଧର୍ମପ୍ରାଣ ବ୍ୟକ୍ତିମାନେ ମହାନଦୀକୁ ଆଧାର କରି ଅନେକ ତଥ୍ୟଭିତ୍ତିକ, ଗବେଷଣାଧର୍ମୀ ସନ୍ଦର୍ଭ ରଚନା କରିଛନ୍ତି ।



ଅଧ୍ୟାପକ ପବିତ୍ର ମୋହନ ବାରିକ






## ମହାନଦୀର ଉତ୍ପତ୍ତି

ଦୁଇଟି ଓଡ଼ିଆ ଶବ୍ଦ 'ମହା' ଓ 'ନଦୀ'ର ମିଶ୍ରଣରେ 'ମହନାଦୀ' ସୃଷ୍ଟି, ଯାହାର ଅର୍ଥ ଶ୍ରେଷ୍ଠ ବା ବଡ଼ ନଦୀ । ପୂର୍ବ-କେନ୍ଦ୍ରୀୟ ଭାରତବର୍ଷର ଏହା ଏକ ପ୍ରମୁଖ ନଦୀ । ଏହାର କ୍ଷେତ୍ରଫଳ ୧୪୧,୬୦୦ ବର୍ଗ କିଲୋମିଟର । ଛତିଶଗଡ଼ ଓ ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ଏହି ନଦୀ ପ୍ରବାହିତ । ଉତ୍ପତ୍ତି ସ୍ଥଳରୁ ବଙ୍ଗୋପସାଗରେ ବିଲୀନ ହେବା ପର୍ଯ୍ୟନ୍ତ ୮୫୮ କିଲୋମିଟର ପଥ ଅତିକ୍ରମ କରିବାକୁ ପଡ଼ିଛି । ଭାରତୀୟ ନଦୀଗୁଡ଼ିକ ପରି ମହାନଦୀ ଅନେକ ପାହାଡ଼ି ଝରଣାର ସମ୍ମିଶ୍ରଣ । ଛତିଶଗଡ଼ ରାଜ୍ୟର ଧମତରି ଜିଲ୍ଲା ନାଗରି ସହରର ଦକ୍ଷିଣରେ ଅବସ୍ଥିତ ଫାରସିୟା ଗ୍ରାମଠାରୁ ୬ କିଲୋମିଟର ଦୂରରେ ମୁଖ୍ୟ ଜଳସ୍ରୋତ ପଡ଼ିଅଛି । ଏଠାରେ ଥିବା ପାହାଡ଼ମାନଙ୍କରୁ ବାହାରିଥିବା ଝରଣାଗୁଡ଼ିକ ଜଳସ୍ରୋତର ଉତ୍ସ ରୂପେ ମହାନଦୀରେ ମିଶିଛନ୍ତି । ମହାନଦୀ ଛତିଶଗଡ଼ ରାଜ୍ୟର ଅମରକଣ୍ଟକ ପର୍ବତମାଳାରୁ ବାହାରିଛି । ୮୦ କିଲୋମିଟର ପଥ ମହାନଦୀ ଉତ୍ତର ଦିଗରେ ଗତି କରି ରାୟପୁର ଜିଲ୍ଲାକୁ ଛୁଇଁଛି ଏବଂ ରାୟପୁର ସହରର ଏଠାରେ ମହାନଦୀ ଅଣ ଓସାର ୫୦୦-୬୦୦ ମିଟରରୁ ଅଧିକ ନୁହେଁ । ଓଡ଼ିଶାକୁ ପ୍ରବେଶ କରିବା ପୂର୍ବରୁ ଉପନଦୀ ଜୋଙ୍କ ଓ ହସଦେଓ ମହାନଦୀ ସହିତ ମିଶିଅଛି । ମହାନଦୀ ଛତିଶଗଡ଼ରେ ପ୍ରାୟ ଅଧାପଥ ୩୭୫ କିଲୋମିଟର ଅତିକ୍ରମ କଲାପରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରେ ପ୍ରବେଶ କରିଅଛି । ଓଡ଼ିଶାରେ ୪୮୩ କିଲୋମିଟର ଯାତ୍ରାପଥରେ ୧୫ ଜିଲ୍ଲାର ଅଧିବାସୀ ଏହାର ଜଳ ଉପରେ ନିର୍ଭର କରିଥାନ୍ତି ।

## ଶାଖା ନଦୀ

ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା ମନ୍ଦିରମାଳିନୀ ସହର ସୋନପୁରଠାରେ ପୂର୍ଣ୍ଣଗର୍ଭା ଅଟେ । ମହାନଦୀ ବୌଦ୍ଧ ଜିଲ୍ଲାର ସୀମାକୁ ସ୍ପର୍ଶ କରି ପ୍ରବାହିତ ଏବଂ ଦୀର୍ଘ ୬୪ କିଲୋମିଟର ସାତକୋଶିଆ ଗଣ୍ଡ ଅବସ୍ଥିତ । ନୟାଗଡ଼ ଜିଲ୍ଲାର ବଡ଼ମୂଳଠାରେ ସାତକୋଶିଆ ଗଣ୍ଡ ପରିସମାପ୍ତ । ଏଠାରେ ମହାନଦୀ ଘଞ୍ଚ ଜଙ୍ଗଲ ଓ ସୁଦୂର ପର୍ବତ ମଧ୍ୟ ଦେଇ ପ୍ରବାହିତ । ନରାଜଠାରେ ମହାନଦୀ ଓଡ଼ିଶାର ସମତଳ ଅଞ୍ଚଳରେ ପ୍ରବେଶ କରିଛି । କାଠଯୋଡ଼ି ନାମରେ ବୃହତ୍ ଶାଖାନଦୀ ମୁଣ୍ଡଳି-ନରାଜଠାରୁ ମହାନଦୀରୁ ଉତ୍ପତ୍ତି ଲାଭ କରିଛି । କାଠଯୋଡ଼ିରୁ ସୃଷ୍ଟି ହୋଇଥିବା ନଦୀ କୁଆଖାଇ, ଦେବୀ, ସରୁଆ ପୁରୀ ଜିଲ୍ଲାରେ ପ୍ରବେଶ ପରେ ବଙ୍ଗୋପସାଗରରେ ବିଲୀନ ହୋଇଛି । ମହାନଦୀର ଅନ୍ୟାନ୍ୟ ଶାଖା ନଦୀ ପାଇକା, ବିରୁପା, ଚିତ୍ରୋତ୍ପଳା, ଗେଙ୍ଗୁଟି ଓ ଲୁଣା କୃଷ୍ଣ ନଗରଠାରେ ବ୍ରାହ୍ମଣୀ ନଦୀରେ ମିଶି ଧାମରାଠାରେ ବଙ୍ଗୋପସାଗରରେ ବିଲୀନ ହୋଇଅଛି । ହୀରାକୁଦ ନଦୀବନ୍ଧ ନିର୍ମାଣ ପୂର୍ବରୁ ମହାନଦୀରେ ନୌଯାତ୍ରା ଏହାର ମୁହାଣଠାରୁ ଅରାଙ୍ଗ ( ଏହାର ଉତ୍ସଠାରୁ ୧୯୦ କିଲୋମିଟର) ପର୍ଯ୍ୟନ୍ତ ହେଉଥିଲା । ଅତୀତରେ ଗମନାଗମନର ଅସୁବିଧା ସମୟରେ ପଶ୍ଚିମାଞ୍ଚଳର ଯାତ୍ରୀମାନେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଦର୍ଶନ ପାଇଁ ମହାନଦୀରେ ନୌଯାତ୍ରା କରି କଟକଠାରେ ପହଞ୍ଚୁଥିଲେ । ମହାନଦୀ ଓଡ଼ିଶାର ମୁଖ୍ୟ ନଦୀ । ଧୀର ଓ ମନ୍ଥର ଗତିରେ ଏହାର ଉତ୍ପତ୍ତି ସ୍ଥଳରୁ ପ୍ରାୟ ୯୦୦ କିଲୋମିଟର ପଥ ଅତିକ୍ରମ କରିଅଛି । ଭାରତୀୟ ଉପମହାଦେଶର ଅନ୍ୟ ନଦୀମାନଙ୍କଠାରୁ ମହାନଦୀ ଅଧିକ ପଟୁମାଟି ଜମା କରେ । ମହନାଦୀ ଉପତ୍ୟକା ଉର୍ବର ମୃତ୍ତିକା ସମୃଦ୍ଧ କୃଷି କାର୍ଯ୍ୟ ପାଇଁ ପ୍ରସିଦ୍ଧ । ହୀରାକୁଦ ନଦୀବନ୍ଧ ଯୋଜନା କାର୍ଯ୍ୟକ୍ଷମ ହେବା ପୂର୍ବରୁ ମହାନଦୀ ତା'ର ତ୍ରିକୋଣଭୂମି ଅଞ୍ଚଳରେ ଅଧିକ ପଟୁମାଟି ଜମା କରୁଥିଲା ଏବଂ ଏହାର ପ୍ରତି ଏକର ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳଠାରୁ ଅଧିକ ଉତ୍ପାଦନକ୍ଷମ ହେଉଥିଲା । ପରିଶେଷରେ ମହାନଦୀ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ନିକଟସ୍ଥ ହୁକିତୋଳାଠାରେ ବଙ୍ଗୋପସାଗରରେ ନିଜକୁ ସମର୍ପିତ କରିଛି ।





## ଧାର୍ମିକ ପୀଠ ଓ ପର୍ଯ୍ୟଟନ ସ୍ଥଳୀ

ମହାନଦୀର ଦୁଇ କୂଳରେ ଅନେକ ଐତିହାସିକ ସହର, ପ୍ରସିଦ୍ଧ ଧର୍ମକ୍ଷେତ୍ର, ମନଲୋଭା ପର୍ଯ୍ୟଟନସ୍ଥଳୀମାନ ଅବସ୍ଥିତ। ହୀରାକୁଦ ଓ ସମ୍ବଲପୁର ମହାନଦୀ କୂଳରେ ଅବସ୍ଥିତ। ମହାନଦୀ ପାଇଁ ଏହି ଦୁଇ ସହର ସମୃଦ୍ଧଶାଳୀ ଓ ଗୁରୁତ୍ୱ ବହନ କରିଛି। ମହାନଦୀ କୂଳରେ ହୁମା-ଧମାଠାରେ ବକ୍ର ମନ୍ଦିର ଅବସ୍ଥିତ। ଏଠାରେ ମହାନଦୀର ମାଛ ଲାଲ ରଙ୍ଗ ଦେଖାଯାନ୍ତି। ଜନଶ୍ରୁତି ଅନୁସାରେ ଜଣେ ସ୍ତ୍ରୀ ଲୋକ ମାଛ ଧରି ପନିକିରେ କାଟୁଥିବାରୁ ସେ ପଥର ହୋଇଯାଇଥିବାର ଚିତ୍ର ଏଠାରେ ଦେଖାଯାଏ। ବିନିକା ନିକଟସ୍ଥ ଚରଦା ଗ୍ରାମର ମହାନଦୀ କୂଳରେ ପ୍ରସିଦ୍ଧ ପ୍ରାଚୀନ ଶୈବ ପୀଠ କପିଳେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ। ଗବେଷକମାନଙ୍କ ମତରେ ଅନଙ୍ଗ ଭୀମଦେବ ଦ୍ୱିତୀୟ ଏହି ମନ୍ଦିର ନିର୍ମାଣ କରିଥିଲେ। ଲୋକକଥାରେ ଶୁଣାଯାଏ ଯେ, ଅନଙ୍ଗ ଭୀମଦେବ ଦ୍ୱିତୀୟ ଏହି ସ୍ଥାନରେ ମହାନଦୀର ଯେଉଁ ଘାଟରେ ସ୍ନାନ କରି ପାପକ୍ଷୟ କରାଇଥିଲେ, ତାହା ଆଜି 'ପାପ କ୍ଷୟ' ଘାଟ ନାମରେ ପରିଚିତ। ଅଦ୍ୟାବଧି ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ପର୍ବ ଏହି ଘାଟରେ ମହାସାମାରୋହରେ ପାଳିତ ହୁଏ। ମହନାଦୀ କୂଳରେ ଇତିହାସ ଓ ପୁରାଣ ପ୍ରସିଦ୍ଧ ସହର ସୋନପୁର ଅବସ୍ଥିତ। ଏଠାରେ ମହାନଦୀ ପୂର୍ଣ୍ଣଗର୍ଭା। ମହନାଦୀ କୂଳରେ ରାଜପ୍ରାସାଦ ଭଗ୍ନ ଅବସ୍ଥାରେ ଦଣ୍ଡାୟମାନ। ମହାନଦୀକୁ ସ୍ନାନ କରିବାକୁ ଯିବା ପାଇଁ ରାଜ ରମଣୀଙ୍କ ନିମନ୍ତେ ସ୍ୱତନ୍ତ୍ର ପାହାଚର ବ୍ୟବସ୍ଥା ଥିଲା। ସୋନପୁର ରାଜବାଟୀର ଅତି ନିକଟରେ ମହନାଦୀ ଗର୍ଭରେ ଲଙ୍କେଶ୍ୱରୀ ଦୋରୁହ (ଗଣ୍ଡ)ରେ ଦେବୀ ଲଙ୍କେଶ୍ୱରୀ ପୂଜିତା। ସୋନପୁରରେ ଲଙ୍କେଶ୍ୱରୀ ଦେବୀଙ୍କର କୌଣସି ମନ୍ଦିର ନିର୍ମାଣ କରାଯାଇ ନଥିଲା। ମହାନଦୀ ଗର୍ଭରେ ଏକ ବୃହତ୍ ଶିଳାଖଣ୍ଡରେ ଦେବୀ ପୂଜା ପାଉଥିଲେ। ଗତ ଦଶନ୍ଧିରେ କୈବର୍ତ୍ତ ସମାଜ ମହାନଦୀ ଗର୍ଭରେ ଏକ ଆକର୍ଷଣୀୟ ମନ୍ଦିର ନିର୍ମାଣ କରିଥିଲେ। ଯାହାକି ମୁଗୁନି ପ୍ରସ୍ତରରେ ଦେବୀଙ୍କ ପ୍ରତିମା ସ୍ଥାପନ କରାଯାଇଅଛି। ସେହିଦିନଠାରୁ ଦେବୀ ଲଙ୍କେଶ୍ୱରୀ ଉଭୟ ଶିଳାଖଣ୍ଡ ଓ ମନ୍ଦିରରେ ପୂଜା ପାଇଆସୁଛନ୍ତି। ଏଠାରେ ଏକ ଜୀର୍ଣ୍ଣ ଶିଳାଲେଖ, ସାତ ବହନି ଚିତ୍ର, ବିଷ୍ଣୁପାଦ ଓ ଚକ୍ର ଚିହ୍ନ ଆଦି ଉତ୍କୀର୍ଣ୍ଣ ହୋଇଛି। ପ୍ରତି ତିନିବର୍ଷରେ ଥରେ କୈବର୍ତ୍ତ ସମାଜ ପକ୍ଷରୁ ଦେବୀଙ୍କ ଚୈତ୍ର ପର୍ବ ପାଳନ କରାଯାଏ। ସୋନପୁରରେ ମହାନଦୀ, ତେଲନଦୀ, କର୍ପୂର ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ପ୍ରସିଦ୍ଧ ରାମେଶ୍ୱର ମନ୍ଦିର ଅବସ୍ଥିତ। ମହାନଦୀ ଓ ତେଲ ନଦୀର ସଙ୍ଗମ ସ୍ଥଳର କାଳେଶ୍ୱର ଟାଙ୍ଗରଠାରେ ଧାର ହନୁମାନ ମନ୍ଦିର ନିର୍ମାଣ କରାଯାଇଥିଲା। ବନ୍ୟା ଦ୍ୱାରା ଏହି ମନ୍ଦିର ଲୀନ ହୋଇଯିବାରୁ ପୁଣି ଏକ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଛି। ମହାନଦୀ ଓ ତେଲ ନଦୀର ସଙ୍ଗମ ସ୍ଥଳରେ ଥିବା ଏହି ମନ୍ଦିର ଅତି ରମଣୀୟ ଅଟେ। ଛତିଶଗଡ଼ର ଏକ ପବିତ୍ର ଶାକ୍ତ ପୀଠ ଚନ୍ଦ୍ରହାସିନୀ। ଦକ୍ଷ କନ୍ୟା ପାର୍ବତୀଙ୍କ ଅଙ୍ଗରୁ ଏହି ଶାକ୍ତ ପୀଠ ସୃଷ୍ଟି ବୋଲି ବିଶ୍ୱାସ ରହିଛି। ମା'ଙ୍କ ମୁଖମଣ୍ଡଳ ଚନ୍ଦ୍ରମା ଆକୃତିର ହୋଇଥିବାରୁ ତାଙ୍କର ନାମକରଣ 'ଚନ୍ଦ୍ର ହାସିନୀ' ହୋଇଛି। ମହାନଦୀ ଏହା ନିକଟରେ ପ୍ରବାହିତ ହେଉଥିବାରୁ ମା'ଙ୍କର ପାଦଧୌତ କରିଥାଏ ବୋଲି କୁହାଯାଏ। ବିଶ୍ୱାସ ଅଛି, ବର୍ଷା ଦିନେ ମହାନଦୀର ପ୍ରବଳ ବନ୍ୟାରେ ଯଦି ଜଣେ କେହି ଭାସିଗଲେ ଦେବୀ ଚନ୍ଦ୍ରହାସିନୀ ନାରୀ ରୂପରେ ଆବିର୍ଭୂତା ହୋଇ ତା'ର ଜୀବନ ରକ୍ଷା କରନ୍ତି। ମହାନଦୀର ଦକ୍ଷିଣ ପାର୍ଶ୍ୱରେ କଣ୍ଟିଲୋଠାରେ ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠର ନୀଳମାଧବ ସ୍ୱମନ୍ଦିରରେ ବିରାଜମାନ କରିଛନ୍ତି। ଅପର ପାର୍ଶ୍ୱରେ ବଡ଼ମ୍ବା ଗଡ଼ର ମହାନଦୀ କୂଳରେ ପ୍ରସିଦ୍ଧ ଶାକ୍ତ ପୀଠ ଭଟ୍ଟାରିକା ଅବସ୍ଥିତ। ମହାନଦୀ କୂଳରେ ଦେବୀଙ୍କ ମନ୍ଦିର ଅବସ୍ଥିତ। ବର୍ଷା ଋତୁରେ ବନ୍ୟା ସମୟରେ ମହାନଦୀର ବନ୍ୟାଜଳ ଦେବୀଙ୍କ ମନ୍ଦିର ମଧ୍ୟକୁ ପ୍ରବେଶ କରିଥାଏ। ବହୁ ଚର୍ଚ୍ଚିତ ପ୍ରାଚୀନ ଶାକ୍ତ ପୀଠ ମା' ଚର୍ଚ୍ଚିକା ଦେବୀଙ୍କ ବାଙ୍କୀ ଗଡ଼ର ମହାନଦୀ କୂଳରେ ଅବସ୍ଥିତ।

ବୈଦେଶ୍ୱର-ବାଙ୍କୀ ନିକଟସ୍ଥ ମହାନଦୀ କୂଳରେ ବଦ୍ରିନାଥ, ରାମନାଥ ଓ ସିଂହନାଥ ପ୍ରାଚୀନ ମନ୍ଦିର ଅବସ୍ଥିତ। ମକର ମେଳା ଏଠାରେ ମହାସମାରୋହରେ ପାଳିତ ହୁଏ। ଆଠଗଡ଼ ନିକଟସ୍ଥ ମହାନଦୀ ପଠାରେ ଧବଳେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏଠାରେ ବଡ଼ ଓଷା ମହାସମାରୋହରେ ପାଳନ କରାଯାଏ। କଟକସ୍ଥିତ ମହାନଦୀର ଗଡ଼ଗଡ଼ିଆ ଘାଟରେ କାର୍ତ୍ତିକ ପୂର୍ଣ୍ଣିମାରେ ଆରମ୍ଭ ହୁଏ ଐତିହାସିକ ବାଲିଯାତ୍ରା ମହୋତ୍ସବ। ବାଲିଯାତ୍ରା ଅତୀତର ଅନେକ ସ୍ମୃତି ମହାନଦୀକୁ କେନ୍ଦ୍ର କରି ଉଜ୍ଜୀବିତ ଓ ସମୃଦ୍ଧ।

## ଗୀତ ଓ ସାହିତ୍ୟରେ ମହାନଦୀ



ମହାନଦୀକୁ ନେଇ ଅନେକ ଓଡ଼ିଆ ଗୀତ ରହିଛି। ଓଡ଼ିଆ ସାହିତ୍ୟରେ ମଧ୍ୟ ଅନେକ କବିତା ରଚିତ ହୋଇଛି। ସୁପରିଚିତ ଗୀତିକାର, କଣ୍ଠଶିଳ୍ପୀ, ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କର ଏକ ଲୋକପ୍ରିୟ ଗୀତ ମହାନଦୀକୁ କେନ୍ଦ୍ର କରି ଜନମାନସରେ ଆଜି ପର୍ଯ୍ୟନ୍ତ ଲୋକପ୍ରିୟ ହୋଇରହିଛି। ଏହି ଗୀତରେ ଓଡ଼ିଶାର ଜନଜୀବନ, ମହାନଦୀ କୂଳସ୍ଥ ବିଭିନ୍ନ ସ୍ଥାନମାନ ସ୍ଥାନିତ ହୋଇଛି। ଏହାର ଗୋଟିଏ ପଂକ୍ତି : –




ଯାରେ ଭାସି- ଭାସି ଯାଆ
ନଉକା ମୋର ଭାସି ଯାଆ
ମହାନଦୀର ନୀଳ ଢେଉରେ
ନାଚି-ନାଚି ତୁ ଭାସି ଯାଆ।

ଶ୍ରାବଣ ମାସରେ ଶୈବ ଭକ୍ତମାନେ ମହାନଦୀର ପବିତ୍ର ଜଳଧାରକୁ କଳସରେ ଧାରଣ କରି ଏବଂ ଅନେକ ପଥ ଅତିକ୍ରମ କରି ପରିଶେଷରେ ସୋମବାର ଦିନ ବିଭିନ୍ନ ଶିବ ଲିଙ୍ଗରେ ଲାଗି କରିଥାନ୍ତି। ଡକ୍ଟର ମାୟାଧର ମାନସିଂହଙ୍କ ସ୍ୱରଚିତ 'ମହାନଦୀରେ ଜ୍ୟୋତ୍ସ୍ନା ବିହାର' ଏକ ଅନବଦ୍ୟ କୃତି। ଏଥିରେ ମହାନଦୀର ମାହାତ୍ମ୍ୟ, ଓଡ଼ିଆ ଜାତୀୟତା ଓ ନୌବାଣିଜ୍ୟ ପରମ୍ପରା ଇତ୍ୟାଦି ସ୍ଥାନ ପାଇଅଛି। କବିଙ୍କ ବର୍ଣ୍ଣନାରେ: –

ଆକାଶର ଖଣ୍ଡସମ ମହାନଦୀ ବାରି
ଚନ୍ଦ୍ରିକା-ଚୁମ୍ବନ ପାଇ ଧବଳ-ଚପଳ
ତରଳ ମୁକୁର ଅବା ଦେଇଛି କେ ପାରି
ଦେଖିବେ ବଦନ ନଭ ସୀମନ୍ତିନୀ ଦଳ।



କେବଳ ଅକ୍ଷୟ ମହାନ୍ତିଙ୍କ ଗୀତ କି ମାୟାଧର ମାନସିଂହଙ୍କ କବିତା ନୁହେଁ, ଏଭଳି ଆହୁରି ଅନେକ ଗୀତ ଓ କବିତା ମହାନଦୀକୁ ନେଇ ରହିଛି। ମହାନଦୀ କଳ-କଳ କରି ଗିରି, କାନନ, ଜନପଦ ଓ ବିଭିନ୍ନ ପ୍ରାକୃତିକ ପରିବେଶ ଦେଇ ପ୍ରବାହିତ ହେଉଅଛି। ମହାନଦୀ ଯେଉଁ ଅଞ୍ଚଳ ଦେଇ ପ୍ରବାହିତ ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଓ ମନଲୋଭା।






ମହାନଦୀ ଓଡ଼ିଆ ଜାତି ପ୍ରତି ଭଗବାନଙ୍କର ଏକ ଅମୂଲ୍ୟ ଉପହାର। ଓଡ଼ିଆ ଜାତୀୟତା, ଭାବଗତ ଆବେଗ, ଧାର୍ମିକ ଚେତନା, ସଂସ୍କୃତି, ପରମ୍ପରା, ଲୋକକଥା, ଐତିହ୍ୟ ଓ ଇତିହାସରେ ମହାନଦୀ ଏକ ସମ୍ମାନଜନକ ସ୍ଥାନ ଅଧିକାର କରିପାରିଛି। ଓଡ଼ିଆ ଜାତିର ସାମାଜିକ ଓ ଜାତୀୟ ଜୀବନକୁ ମହାନଦୀ ପ୍ରଭାବିତ କରିଆସୁଅଛି। ମହାନଦୀ ଆମର ଜୀବନ ନାଟିକା, ମହନାଦୀ ଆମର ସ୍ନେହମୟୀ, ସନ୍ତାନ ବତ୍ସଳା ମାଆ ପରି ମା'ଟିଏ। ତେବେ ବର୍ତ୍ତମାନ ମହାନଦୀ ନାନା ସଂକଟ ଦେଇ ଗତି କରୁଛି। ଛତିଶଗଡ଼ ସରକାର ମହାନଦୀରେ କେତେକ ଚେକ୍ ଡ୍ୟାମ୍ ନିର୍ମାଣ କରିବା ଯୋଗୁଁ ଓଡ଼ିଶାକୁ ଠିକ୍ ଭାବେ ପାଣି ଆସୁନାହିଁ। ଏପରିକି କେତେକ କଳକାରଖାନାକୁ ପାଣି ଯୋଗାଣ ହେଉଥିବାରୁ ମହାନଦୀରେ ପାଣି କମିବାରେ ଲାଗିଛି। ତେଣୁ ମହାନଦୀ ପାଣିରୁ ଚାଷ ପାଇଁ ଜଳସେଚନ, ପାନୀୟ ଜଳ ଯୋଗାଣ, ହୀରାକୁଦ ଡ୍ୟାମ୍‌ରୁ ବିଜୁଳି ଉତ୍ପାଦନରେ ବାଧାପ୍ରାପ୍ତ ହେଉଛି। ତେଣୁ ମହାନଦୀର ସୁରକ୍ଷା ପ୍ରତ୍ୟେକ ଓଡ଼ିଆଙ୍କର କର୍ତ୍ତବ୍ୟ। ■

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ, ମଦନପୁର, ଖୋର୍ଦ୍ଧା
ମୋ: ୮୮ ୯୫୧୯୦୪୭୫




# ବିବାଦରେ ମହାନଦୀ

# କେବେ ମିଳିବ ନ୍ୟାୟ?





ସୁଦର୍ଶନ ଛୋଟରାୟ

ଇତିମଧ୍ୟରେ ମହାନଦୀରେ ଅନେକ ଜଳ ବହିଗଲାଣି, କିନ୍ତୁ ବିବାଦ ଥମିବାର ନାଁ ନେଉ ନାହିଁ। ମହାନଦୀ ଜଳ ବିବାଦ ନେଇ ବିଧାନସଭାଠାରୁ ସଂସଦ ପର୍ଯ୍ୟନ୍ତ ଅନେକ ତୁମ୍ବିତୋଫାନ୍ ଉଠିଥିଲା। ରାଜ୍ୟର ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପରସ୍ପରକୁ ଆପେକ୍ଷ କରୁଥିଲେ। ଆଜି ବିଜେପି ଉଭୟ ଛତିଶଗଡ଼, ଓଡ଼ିଶା ରାଜ୍ୟ ସମେତ କେନ୍ଦ୍ରରେ ବି ଶାସନରେ ଅଛି। ଆଶା କରିବା 'ଟ୍ରିପଲ୍ ଇଞ୍ଜିନ୍' ସରକାର 'ମହାନଦୀ ଜଳ ବିବାଦ'ର ଟ୍ରିବ୍ୟୁନାଲ ବାହାରେ ସମାଧାନର ରାସ୍ତା ବାହାର କରିବେ। କାରଣ ମହାନଦୀ ଟ୍ରିବ୍ୟୁନାଲର ଶେଷ ରାୟ ଆସିବାକୁ ଆହୁରି ବିଳମ୍ବ ହୋଇପାରେ। ଅନ୍ତତଃ, ଆମେ ଭାବୁଥିଲୁ ୨୦୧୫ ମସିହାରୁ ଓଡ଼ିଶା ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ମଧ୍ୟରେ ଲାଗିଥିବା ଜଳବିବାଦର ସ୍ଥାୟୀ ସମାଧାନର ବାଟ ୨୦୧୪ ମସିହାରୁ ଶାସନାଧୀନ ଥିବା 'ମୋଦି ସରକାର' ବାହାର କରିବା ପାଇଁ ଉଦ୍ୟମ କରିବେ। ତାହା ହେଲା ନାହିଁ , ବରଂ ବିବାଦ ଘନେଇ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ପର୍ଯ୍ୟନ୍ତ ଗଲା। ମାର୍ଚ୍ଚ ୨୦୧୮ ରୁ ଗଠନ ହୋଇଥିବା ଟ୍ରିବ୍ୟୁନାଲ ପକ୍ଷରୁ ଇତିମଧ୍ୟରେ ୩୬ଟି ଶୁଣାଣି ସହ ଉଭୟ ରାଜ୍ୟର କ୍ଷେତ୍ର ପରିଦର୍ଶନ ତଥା ଆବଶ୍ୟକ ପ୍ରମାଣ ସବୁ ଉପସ୍ଥାପିତ ହୋଇ ସାରିଥିଲେ ମଧ୍ୟ, ଛତିଶଗଡ଼ ରାଜ୍ୟ ପ୍ରମାଣ ସଂଗ୍ରହ ଓ ଉପସ୍ଥାପନ ପାଇଁ ସମୟ ଗଡ଼ଉଥିବାରୁ ଟ୍ରିବ୍ୟୁନାଲ କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବିଳମ୍ବ ଘଟୁଛି। ଆଶା କରାଯାଉଥିଲା, ଟ୍ରିବ୍ୟୁନାଲ ଏକ 'ମଧ୍ୟବର୍ତ୍ତୀକାଳୀନ' ରାୟ ଦେବେ, ଯାହା ଫଳରେ ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ଓ କାରିଗର ସମେତ ରାଜ୍ୟବାସୀ ନ୍ୟାୟ ପାଇବେ। ଛତିଶଗଡ଼ ରାଜ୍ୟର ଧମତରି ଜିଲ୍ଲାରୁ ବାହାରି ସେ ରାଜ୍ୟର ଦକ୍ଷିଣ ପଶ୍ଚିମ ଦେଇ ଓଡ଼ିଶାର ପଶ୍ଚିମରୁ ପୂର୍ବକୁ ବହି ବଙ୍ଗୋପସାଗରରେ ବିଲୀନ ହୋଇଥିବା ଭାରତର ଷଷ୍ଠତମ ବୃହତ୍ତମ ନଦୀ- ମହାନଦୀ। ଯାହାର ଦୈର୍ଘ୍ୟ ୮୫୮ କି.ମି. ଏବଂ ଭୂପୃଷ୍ଠରେ ସମୁଦାୟ ୧୪୧,୬୦୦ ବର୍ଗ କି.ମି.କୁ ବ୍ୟାପୀଛି। ଏହା ଏକ ଚିର ପ୍ରବହମାନ ଓ ଚଳଚଞ୍ଚଳ ନଦୀ ଥିଲା। କିନ୍ତୁ, ଛତିଶଗଡ଼ ରାଜ୍ୟ ମହାନଦୀର ଉପର ମୁଣ୍ଡରେ ପ୍ରାୟ ଦଶଟି ବ୍ୟାରେଜ୍ ନିର୍ମାଣ କରିବା ଫଳରେ ଅଣ-ମୌସୁମୀ ଋତୁରେ ନଦୀ ଜଳ ପ୍ରବାହ ଓଡ଼ିଶା ରାଜ୍ୟକୁ କମି କମି ଆସିଲା, ଏପରିକି ଏସିଆ ମହାଦେଶର ବୃହତ୍ତମ ମାଟି ନିର୍ମିତ ଡ୍ୟାମ୍ ହୀରାକୁଦ ପ୍ରତି ବିପଦ ଘନେଇଲା। ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହେଲେ ଏହି ଚିରସ୍ରୋତା ନଦୀ ଉପରେ ନିର୍ଭର କରି ଆସୁଥିବା ଓଡ଼ିଶା ରାଜ୍ୟର ୧୬ ଟି ଜିଲ୍ଲାର ୧.୫ କୋଟି ଜନତା । ଯେଉଁମାନେ ଜଳସେଚନ, ପିଇବା ପାଣି, ଜୀବିକା ଓ ନିତ୍ୟ ବ୍ୟବହାର ପାଇଁ ମହାନଦୀ ଉପରେ ନିର୍ଭର କରନ୍ତି। ତା'ସହିତ ଝାରସୁଗୁଡ଼ାର ଶୁଖାସୋଡ଼ା ଗ୍ରାମଠାରୁ ଜଗତସିଂହପୁର ଜିଲ୍ଲାର ପାରାଦୀପ ବନ୍ଦର ପର୍ଯ୍ୟନ୍ତ ମହାନଦୀ ଉପରେ ଜୀବିକା ପାଇଁ ନିର୍ଭର କରି ଆସୁଥିବା ଲକ୍ଷ ଲକ୍ଷ ଲୋକ ପାରମ୍ପରିକ ମତ୍ସ୍ୟଜୀବୀ ଏବଂ ଏମାନଙ୍କ ବ୍ୟତୀତ କଣ୍ଟିଲୋ ଅଞ୍ଚଳର କଂସାବାସନ କରୁଥିବା କାରିଗର ନୂଆପାଟଣା, ସୋନପୁର, ବୌଦ୍ଧ ଓ ସମ୍ବଲପୁର ଅଞ୍ଚଳରେ ଲୁଗା ବୁଣୁଥିବା ବୁଣାକାର, ବୃହତ୍ ସହର ବ୍ରଜରାଜନଗର, ସମ୍ବଲପୁର, ସୋନପୁର, ବୌଦ୍ଧ, ଆଠମଲ୍ଲିକ, କଟକ, ଭୁବନେଶ୍ୱର, ପାରାଦୀପରେ ପିଇବା ପାଣି ହେଉ ଅବା ଏସବୁ ସହରରେ ଶିଳ୍ପ ଓ କଳକାରଖାନା ହେଉ, ସବୁରି ପାଇଁ ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଗୃହପାଳିତ ପଶୁପକ୍ଷୀ ଓ ବନ୍ୟଜନ୍ତୁ ତଥା ହଜାର ହଜାର ବର୍ଷ ଧରି ପ୍ରବାହିତ ଅଞ୍ଚଳ ତଥା ରାଜ୍ୟର ପ୍ରାକୃତିକ ପରିବେଶ ଜୈବ ବିବିଧତା, ସବୁଜିମା ବଜାୟ ରଖିବାରେ ମହାନଦୀର ଅବଦାନ ଯଥେଷ୍ଟ।

## ମହାନଦୀ ଓ ଜଳ ବିବାଦ ଟ୍ରିବ୍ୟୁନାଲ

ଯଦିଓ କେନ୍ଦ୍ର ସରକାର ଏପ୍ରିଲ ୧୩, ୨୦୨୬ ଯାଏଁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅବଧି ବଢ଼ାଇଛନ୍ତି, ମାର୍ଚ୍ଚ ୨୦୨୦ରୁ ଜୁନ୍‌ରୁ ୨୦୨୧ କରୋନା କାଳର ବାହାନା ଦେଇ, ତେବେ ଏହି ତୃତୀୟ ଥର ସମୟସୀମା ବା ଅବଧି ବଢ଼ାଇବା ପୂର୍ବରୁ କେନ୍ଦ୍ରରେ ଶାସନାଧୀନ ବିଜେପି ସରକାର ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବାର୍ତ୍ତା ବିନିମୟ ଅଥବା ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ସମାଧାନର ରାସ୍ତା ବାହାର କରି – ଟ୍ରିବ୍ୟୁନାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ପାରିଥାନ୍ତେ। ସବୁଠାରୁ ବଡ଼କଥା ହେଲା ଗତ ବର୍ଷ ଏପ୍ରିଲ ୧୭ ଓ ମଇ ୯ ତାରିଖ ଦୁଇ ପର୍ଯ୍ୟାୟରେ ମାନ୍ୟବର ଟ୍ରିବ୍ୟୁନାଲର ସଦସ୍ୟଗଣ , ବିଶେଷଜ୍ଞ ଗୋଷ୍ଠୀ ଓ ସହାୟକ ତଥା ଆଇନ ବିଶାରଦମାନେ ଦୁଇ ରାଜ୍ୟର ସମୁଦାୟ ଅଞ୍ଚଳ ଗସ୍ତ କରି ସରଜମିନ୍ ତଥ୍ୟ ସଂଗ୍ରହ କରିଥିଲେ। କିନ୍ତୁ, ଆଇନଗତ ଭାବେ ଅନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ – ୧୯୫୬ ର ସେକ୍ସନ – ୫ ର ସବ୍-ସେକ୍ସନ୍ -୨ ଅନୁଯାୟୀ ଟ୍ରିବ୍ୟୁନାଲ ଗଠନର ତିନିବର୍ଷ ଅର୍ଥାତ୍ ମାର୍ଚ୍ଚ- ୧୧ ତାରିଖ ୨୦୨୧ ସୁଦ୍ଧା ସମସ୍ତ କାମ ସାରିବାର ଥିଲା। ସୁତରାଂ, ଯେହେତୁ ତିନିବର୍ଷ ମଧ୍ୟରେ ପ୍ରାଥମିକ ସରଜମିନ ରିପୋର୍ଟ ଦାଖଲ ହୋଇପାରିଲା ନାହିଁ। ବୈଷୟିକ ବା ଅନ୍ୟ କାରଣରୁ ବାରମ୍ବାର ଟ୍ରିବ୍ୟୁନାଲର ସମୟ ସୀମା ବଢ଼ାଇବାକୁ ହେଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନଭେମ୍ବର ୧୯ ତାରିଖ ୨୦୧୬ରେ ଓଡ଼ିଶା ସରକାର, କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ନିକଟରେ ଏହି ଜଳ ବିବାଦର ସମାଧାନ ପାଇଁ ଏକ ସ୍ମାରକପତ୍ର ମାଧ୍ୟମରେ ଟ୍ରିବ୍ୟୁନାଲ ଗଠନ ପାଇଁ ଦାବି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଜାନୁଆରୀ ୨୩, ୨୦୧୮ରେ ଓଡ଼ିଶା ସରକାରଙ୍କ ଆବେଦନକୁ ଗ୍ରହଣ କରି ମହାନଦୀ ଟ୍ରିବ୍ୟୁନାଲ ଗଠନ ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସର୍ବଶେଷରେ ମାର୍ଚ୍ଚ- ୧୨, ୨୦୧୮ ରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ସୁପ୍ରିମକୋର୍ଟ ମୁଖ୍ୟବିଚାରପତିଙ୍କ ମନୋନୀତ ହୋଇଥିବା ଜଷ୍ଟିସ୍ ଏ.ଏମ୍ ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ ଟ୍ରିବ୍ୟୁନାଲ ଗଠନ କରିଥିଲେ।



ଆମେ ଆଶା କରିବା, ଦୁଇ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏବଂ ଓଡ଼ିଶା ଓ ଛତିଶଗଡ଼ର କୋଟି କୋଟି ଜନଗଣ, ଯେଉଁମାନେ

ମହାନଦୀ ଉପରେ ନିର୍ଭରଶୀଳ- ତାଙ୍କ ଜୀବନ ଓ ଜୀବିକା ସୁରକ୍ଷା ପାଇଁ ମହାନଦୀ ଟ୍ରିବ୍ୟୁନାଲ ୨୦୨୬ ଅବଧି ମଧ୍ୟରେ ନିଶ୍ଚୟ ସମାଧାନର ପନ୍ଥା ବାହାର କରିବେ। ଏମିତି ନ ହେଉ ଯେ, ମହାନଦୀ-କାବେରୀ ଜଳ ବିବାଦ ଭଳି ସମାଧାନ ପାଇଁ ୨୫ ବର୍ଷ ସମୟ ଲାଗିଯାଉ।

ଏବେ ବି ଦେଶରେ ମହାନଦୀ ସମେତ ଆହୁରି ଚାରୋଟି ଅନ୍ତଃରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ବିଚାର ଚାଲିଛି। ସେଗୁଡ଼ିକ ହେଲା – କ୍ରିଷ୍ଣା ୱାଟର୍ ଡିସ୍‌ପୁଟ୍ ଟ୍ରିବ୍ୟୁନାଲ- ୨ (୨୦୦୪) ମହାଦାୟୀ ୱାଟର୍ ଡିସ୍‌ପୁଟ୍ ଟ୍ରିବ୍ୟୁନାଲ (୨୦୧୦), ରବି ଏବଂ ବିଇସ ୱାଟର୍ ଟ୍ରିବ୍ୟୁନାଲ (୧୯୮୬) ଏବଂ ବଂଶାଧାରା ୱାଟର୍ ଡିସ୍‌ପୁଟ୍ ଟ୍ରିବ୍ୟୁନାଲ (୨୦୧୦)।

## ବିବାଦର ମୂଳଭିତ୍ତି

କ) ମହାନଦୀ ଉପରମୁଣ୍ଡରେ ସଂଖ୍ୟାଧିକ ବ୍ୟାରେଜ ନିର୍ମାଣ ଓ ଶିଳ୍ପ, କଳକାରଖାନା ପାଇଁ ପାଣି ଉଠାଣ।

ଖ) ଅଣ-ମୌସୁମୀ ଋତୁରେ କଲମା ବ୍ୟାରେଜରୁ ମାତ୍ର ୨୦ଟି ଗେଟ୍ ଖୋଲି ୧୦୦୦ରୁ ୧୫୦୦ କ୍ୟୁସେକ୍ ପାଣି ଛାଡ଼ିବା ମହାନଦୀ ତଳ ଅଞ୍ଚଳକୁ ପ୍ରବାହକୁ ଏକ ପ୍ରକାର ରୋକିବା।

ଗ) ରବି ଋତୁରେ ଚାଷ ପାଇଁ ଓଡ଼ିଶାରେ ଗଭୀର ଜଳସଂକଟ ଦେଖାଯିବା ଏବଂ ମହାନଦୀ ଅବବାହିକାରେ ଉତ୍କଟ ପିଇବା ପାଣି ସଙ୍କଟ ଦେଖାଯିବା ।

ଘ) ଓଡ଼ିଶା ରାଜ୍ୟ ସରକାରଙ୍କୁ ନ ଜଣାଇ ବର୍ଷା ଋତୁରେ ଅଧିକ ପାଣି ଛାଡ଼ିବା, କଲମା ବ୍ୟାରେଜରେ ଅଧିକ ଗେଟ୍ ଖୋଲିବା।

ଙ) ମହାନଦୀ ଜଳ ଉପରେ ଉଭୟ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ବଡ଼ ବଡ଼ ଶିଳ୍ପପତିଙ୍କ ଆଖି ଥିବାରୁ – ଉଭୟ ରାଜ୍ୟର ସାଧାରଣ ଜନତାଙ୍କ ଦୁଃଖ ବଢୁଛି।

ସବୁଠାରୁ ବଡ଼ କଥା ହେଲା, ଛତିଶଗଡ଼ ରାଜ୍ୟ ସରକାରଙ୍କ ବେପରୁଆ ଓ ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଓଡ଼ିଶାର ଜନଗଣ ମହାନଦୀର ଉପର ମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ଋତୁରେ ବନ୍ୟା ବିଭୀଷିକାର ଶିକାର ହୁଅନ୍ତି।

ଆଜି ପର୍ଯ୍ୟନ୍ତ ମହାନଦୀର ଜଳ ପରିଚାଳନା ଓ ହୀରାକୁଦ ଡ୍ୟାମ୍‌ର ରୁଲ୍-କର୍ଭ ଗାଇଡ୍‌ଲାଇନ୍‌କୁ ମାନିବା ପାଇଁ ଛତିଶଗଡ଼ ସରକାର ଆଗଭର ହୋଇନାହାନ୍ତି କି ତତ୍ପରତା ପ୍ରକାଶ କରୁନାହାନ୍ତି।

## ମହାନଦୀ ଯୌଥ ନିୟନ୍ତ୍ରଣ ବୋର୍ଡ

ତତ୍କାଳୀନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂହ ଓ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏପ୍ରିଲ ୧୯୮୩ରେ ହୋଇଥିବା ବୁଝାମଣା ଅନୁଯାୟୀ – ମହାନଦୀ ଜଳ ବିବାଦ ସମାଧାନ ପାଇଁ ଅଧିକ ସର୍ଭେ, ନିରୀକ୍ଷଣ, ଅନୁସନ୍ଧାନ ଓ କାର୍ଯ୍ୟକାରିତା ପାଇଁ ଏକ "ଯୌଥ ନିୟନ୍ତ୍ରଣ ବୋର୍ଡ" ଗଠନ ପାଇଁ ପ୍ରକ୍ରିୟାର ଅୟମାରମ୍ଭ କରାଯାଇଥିଲା ଯାହାଫଳରେ, ମହାନଦୀର ଆଜିର ସଙ୍କଟ ରହିନଥାନ୍ତା, କିନ୍ତୁ ପରବର୍ତ୍ତୀ ସରକାରମାନଙ୍କ ରାଜନୈତିକ ଦୂରଭିସନ୍ଧି ପାଇଁ ଏହା ହୋଇପାରିଲା ନାହିଁ। ଏ କ୍ଷେତ୍ରରେ ଦ୍ୱିତୀୟ ପର୍ଯ୍ୟାୟ ମହାନଦୀ ଜଳବିବାଦ ଆରମ୍ଭର ପ୍ରାଥମିକ ଅବସ୍ଥାରେ ଜୁଲାଇ – ୨୯, ୨୦୧୬ରେ ଯେତେବେଳେ 'କେନ୍ଦ୍ର ଜଳ କମିଶନ'ଙ୍କ ସଂଯୋଜନାରେ ଉଭୟ ଛତିଶଗଡ଼ ଓ ଓଡ଼ିଶା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ପୁଣିଥରେ ୧୯୮୩-ଏଗ୍ରିମେଣ୍ଟର ସାମାନ୍ୟ ସଂଶୋଧନ କରି "ଯୌଥ ନିୟନ୍ତ୍ରଣ ବୋର୍ଡ" ଗଠନ ପ୍ରସ୍ତାବ ଆସିଲା- ସେ ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ଯେତିକି ଆଗ୍ରହ ପ୍ରକାଶ ହେବା କଥା, ହେଲାନି।



## ମହାନଦୀ : ଓଡ଼ିଶାର ଦୁଃଖରୁ ଦୁର୍ଦ୍ଦିନର ନଦୀ

ଦିନ ଥିଲା – ପ୍ରବଳ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ମହାନଦୀକୁ 'ଓଡ଼ିଶାର ଦୁଃଖ' ବୋଲି କୁହାଯାଉଥିଲା। ବର୍ତ୍ତମାନ ଅଣ-ମୌସୁମୀ ଋତୁରେ ନଦୀଜଳ ପ୍ରବାହକୁ ଛତିଶଗଡ଼ ସରକାର ରୋକିବା ଫଳରେ ସେହି ଦୁଃଖ ଏବେ ଦୁର୍ଦ୍ଦିନରେ ପରିଣତ ହେବାକୁ ଯାଉଛି। ଦୁଇ ଦଶନ୍ଧି ପୂର୍ବରୁ ଛତିଶଗଡ଼ ଓ ଓଡ଼ିଶା ରାଜ୍ୟ ସରକାର "ମହାନଦୀ ବଳକା ଜଳର ନଦୀ" ଭାବେ ଶିଳ୍ପ ଓ କଳକାରଖାନା ପ୍ରତିଷ୍ଠା ପାଇଁ ବିନିଯୋଗକାରୀଙ୍କୁ ଆକୃଷ୍ଟ କରିବା ପାଇଁ ଘୋଷଣା କରି – ଏହି ନଦୀ ଅବବାହିକାରେ ପୁଞ୍ଜି ବିନିଯୋଗ କରି ଶିଳ୍ପ ଓ କଳକାରଖାନା ପ୍ରତିଷ୍ଠା ପାଇଁ ଆମନ୍ତ୍ରଣ କରୁଥିଲେ। କିନ୍ତୁ, ଓଡ଼ିଶା ଅପେକ୍ଷା ଛତିଶଗଡ଼ରେ ଅନେକ ଶିଳ୍ପ ଓ କଳକାରଖାନା ପ୍ରତିଷ୍ଠା ହେଲା ପରେ – ନଦୀଜଳ ପ୍ରବାହରେ ସଂକଟ ସୃଷ୍ଟି ହେଲା। ଓଡ଼ିଶାରେ ମଧ୍ୟ ଅନେକ ଶିଳ୍ପକୁ ମହାନଦୀର ବଳକା ଜଳ ଯୋଗାଇ ଦିଆଗଲା ହୀରାକୁଦ ଡ୍ୟାମ୍‌ରୁ । ଏହା ସହ ମହାନଦୀ ଅବବାହିକାରେ ୫୮,୦୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ଚୁକ୍ତି ସ୍ୱାକ୍ଷରତା ହେଲା, ଫଳରେ ଆହୁରି ୩୨.୫ ଭାଗ ପାଣି ଆବଶ୍ୟକତା ପଡ଼ିଲା। କିନ୍ତୁ ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ରାଜ୍ୟ ଏଭଳି ବ୍ୟାରେଜ୍ ଓ ଶିଳ୍ପ କଳକାରଖାନା ପାଇଁ ପାଣି ଯୋଗାଇବା ଯୋଗୁଁ ହୀରାକୁଦ ନଦୀବନ୍ଧକୁ ମହାନଦୀ ଜଳ ମାତ୍ର ୧୬, ୨୧୧ ମିଲିଅନ କ୍ୟୁବିକ୍ ମିଟର ପ୍ରବାହିତ ହେଲା। ଯାହାକି ପୂର୍ବରୁ ଆସିଥିବା ୧୮, ୧୭୫ ମିଲିଅନ୍ କ୍ୟୁବିକ୍ ମିଟରରୁ ଢେର କମ୍ । ଏପରିକି ହୀରାକୁଦ ଆସୁଥିବା ପ୍ରାକୃତିକ ଜଳପ୍ରବାହ ପରିମାଣ ୯,୬୨୧ ମିଲିଅନ୍ କ୍ୟୁବିକ୍ ମିଟର ନେଇ ସଂଶୟ ସୃଷ୍ଟି ହୋଇଛି। ଫଳସ୍ୱରୂପ ହୀରାକୁଦରୁ ଜଳସେଚନ ପାଇଁ ବ୍ୟବହୃତ ଜଳ ପୂର୍ବରୁ ଥିବା ୧.୮୪ ଲକ୍ଷ ହେକ୍ଟର ଜମିରୁ ବର୍ତ୍ତମାନ ୧.୫୪ ଲକ୍ଷ ହେକ୍ଟରକୁ ଆସିଯାଇଛି। ଏଥିପାଇଁ ୨୦୦୬ ମସିହାରେ ପ୍ରାୟ ୩୦,୦୦୦ ଚାଷୀ ପ୍ରତିବାଦ ସ୍ୱରୂପ ଆନ୍ଦୋଳନ କରିଥିଲେ, ପରବର୍ତ୍ତୀ ସମୟରେ ମହାନଦୀ ଜଳବିବାଦ ଆରମ୍ଭ ହେଲା। ଓଡ଼ିଶାକୁ ତା'ର ନ୍ୟାୟପୂର୍ଣ୍ଣ ଜଳ ପାଇବାରେ ଛତିଶଗଡ଼ ରୋକୁଥିବାରୁ ରାଜ୍ୟ ସାରା ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା । ଏବଂ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ତଥା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କଲେ। ଆଜିର ଦିନରେ ମହାନଦୀ ଜଳ ଉପରେ ଛତିଶଗଡ଼ ସରକାର ୫୩. ୯ ଭାଗ ନିୟନ୍ତ୍ରଣ କରୁଥିବାରୁ, ଓଡ଼ିଶା ଭାଗରେ ଆସୁଥିବା ୪୫. ୭୩ ଭାଗ କମି କମି ଆସୁଛି । କାରଣ ଅନେକ ଶାଖା ନଦୀ ଶୁଖିବାକୁ ବସିଲାଣି। ଏପରିକି ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ତୀବ୍ର ହେଲାଣି।

## ମହାନଦୀ ରାଜନୀତି

ବିଭିନ୍ନ ସମୟରେ ଛତିଶଗଡ଼ରେ ବିଜେପି ଓ କଂଗ୍ରେସ ଶାସନ ପାଳି କରି ଆସୁଥିଲେ ମଧ୍ୟ – ମହାନଦୀ ଜଳବିବାଦ ସମାଧାନ ପାଇଁ ସେମାନଙ୍କ ଆଭିମୁଖ୍ୟ ସମାନ – ନା' କଲାଭଳି। ସେଭଳି କେନ୍ଦ୍ରରେ ଶାସନାଧୀନ ବିଜେପି ସରକାରଙ୍କ ଆଭିମୁଖ୍ୟ ବି ସମାନ। କେନ୍ଦ୍ର ସରକାର ଚାହିଁଥିଲେ ୨୦୧୬ରୁ ୨୦୧୮ ମସିହାରେ ହିଁ ମହାନଦୀ ବିବାଦ ସମାଧାନ ହୋଇପାରିନଥାନ୍ତା, କିନ୍ତୁ କେତେକ ରାଜନୈତିକ କାରଣରୁ କେନ୍ଦ୍ର ସରକାର ତତ୍ପରତା ପ୍ରକାଶ କଲେ ନାହିଁ।

୧୯୮୦ ପରବର୍ତ୍ତୀ ସମୟରୁ ମହାନଦୀକୁ ନେଇ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ବିବାଦ ଘନେଇ ଥିଲେ ମଧ୍ୟ, ଏକ୍ଷେତ୍ରରେ ତତ୍କାଳୀନ ଅବିଭକ୍ତ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂ ଓ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମଧ୍ୟରେ ଆଲୋଚନା ଓ ବୁଝାମଣା ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏ ନେଇ ଯେତିକି ଉଦ୍ୟମ ହେବା କଥା ତାହା ହେଲା ନାହିଁ କି କେନ୍ଦ୍ର ସରକାରମାନେ ଏଥିରେ ମୁଣ୍ଡ ପୂରେଇଲେ ନାହିଁ।


## ଟ୍ରିବ୍ୟୁନାଲରୁ ଶିକ୍ଷା

ଏ ପର୍ଯ୍ୟନ୍ତ ଯେତେ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ହୋଇଛି ନଦୀର ବର୍ତ୍ତମାନ ପ୍ରବାହିତ ଜଳ ବଣ୍ଟନ ନେଇ ନିର୍ଦ୍ଦେଶ ଜାରି କରିପାରିବେ, କିନ୍ତୁ ନଦୀକୁ ଚିର ପ୍ରବହମାନ କରିବା କିମ୍ବା ନଦୀକୁ ସୁରକ୍ଷା ଦେବା, ପୁନର୍ଜୀବନ ଦେବା, ନଦୀ ଅବବାହିକାରେ ବସବାସ କରୁଥିବା ଅଧିବାସୀ ବିଶେଷ କରି ଚାଷୀ, ମତ୍ସ୍ୟଜୀବୀ, କାରିଗର କିମ୍ବା ଆଦିମ ଅଧିବାସୀଙ୍କ ନଦୀ ଉପରେ ଅଧିକାର ସାବ୍ୟସ୍ତ କରିବାରେ କୌଣସି ପଦକ୍ଷେପ ନେଇପାରିବେ ନାହିଁ। ରାଜ୍ୟ-ରାଜ୍ୟ ମଧ୍ୟରେ ଚାଲିଥିବା ଜଳ ବିବାଦର ସମାଧାନ ପାଇଁ ନ୍ୟାୟପୂର୍ଣ୍ଣ ଜଳବଣ୍ଟନ କଥା ଟ୍ରିବ୍ୟୁନାଲର ରାୟରେ ଆଶା କରିବା କଥା, ଆମ ରାଜ୍ୟର ପ୍ରାପ୍ୟ କେତେ ଓ କେତେ



ପରିମାଣରେ ଜଳ ଅଣ- ମୌସୁମୀ ଋତୁରେ ଓଡ଼ିଶା ପାଇବା କଥା, କିନ୍ତୁ ବିବାଦର ସ୍ଥାୟୀ ସମାଧାନ ପାଇଁ ଆପୋସ ବୁଝାମଣା ଓ ଚୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ନିହାତି ଆବଶ୍ୟକ। ଆମେ ଆଶା କରିବା, ବର୍ତ୍ତମାନ ଓଡ଼ିଶା ସରକାର କେନ୍ଦ୍ର ଉପରେ ଚାପ ପ୍ରୟୋଗ କରି ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ନ୍ୟାୟପୂର୍ଣ୍ଣ ମହାନଦୀ ଜଳବିବାଦ ସମାଧାନ ରାସ୍ତା ବାହାର କରିବେ।

ଆଜିର ଦିନରେ ମହାନଦୀ ଜଳ ବିବାଦ ସମାଧାନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଗେଇ ଆସି, ଟ୍ରିବ୍ୟୁନାଲ ବାହାରେ ସମାଧାନର ଉପାୟ ବାହାର କରିବା ଅତ୍ୟନ୍ତ ଜରୁରି। ଦେଖାଯାଉ- ତିନୋଟି ସ୍ଥାନରେ ଶାସନାଧୀନ ବିଜେପି ସରକାର କି ପଦକ୍ଷେପ ନେଉଛନ୍ତି। ମହାନଦୀ ଜଳ ବିବାଦର ଅବସାନ ଘଟିଲେ, ଉଭୟ ଛତିଶଗଡ଼ ଓ ଓଡ଼ିଶାର କୋଟି କୋଟି ଚାଷୀ, ମତ୍ସ୍ୟଜୀବୀ, କାରିଗର ତଥା ରାଜ୍ୟବାସୀ ଉପକୃତ ହେବେ। ■



ଆବାହକ
ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ, ଭୁବନେଶ୍ୱର
ମୋ: ୯୩୩୭୧୧୧୮୭୯


ମହାସମ୍ଭାବ୍ୟତା, 'ମହା' ବିବାଦ

# ରାଜନୀତିର ପଶାପାଲିରେ ମହାନଦୀ

## ଗୋଟିଏ ନଦୀ, ଦୁଇଟି ଦୃଷ୍ଟିକୋଣ

ଆମେ ସାଧାରଣତଃ ନଦୀକୁ ଦୁଇ ପ୍ରକାର ଦୃଷ୍ଟିରେ ଦେଖିଥାଉ । ଗୋଟେ ହେଲା 'ସିଭିଲ୍ ଇଞ୍ଜିନିୟରିଂ' ନଦୀ ଆଉ ଗୋଟେ ହେଲା 'ସଭ୍ୟତାର ସୃଷ୍ଟିକର୍ତ୍ତା' ନଦୀ । ସରକାର ନଦୀକୁ ପ୍ରଥମ ଦୃଷ୍ଟିକୋଣରୁ ଦେଖନ୍ତି । ତାଙ୍କ ହିସାବରେ ନଦୀ କେବଳ ଗୋଟେ ପାଣିର ଧାର, ଯାହାକୁ ଯେମିତି ଚାହିଁବା ବ୍ୟବହାର କରିହେବ । ନଦୀ ବନ୍ଧ କରି ସବୁ ପାଣି ଅଟକେଇ ଦେଲେ ବି ନଦୀର କିଛି କ୍ଷତି ହେବ ନାହିଁ । ଏହି ଦୃଷ୍ଟିକୋଣରୁ ଦେଖିଲେ ନଦୀ ଗୋଟେ କେନାଲ ପରି, ଆଉ ନଦୀ ପାଣି ଗୋଟେ ପଣ୍ୟ ବସ୍ତୁ । ହେଲେ ନଦୀକୁ ଯଦି ସଭ୍ୟତାର ସୃଷ୍ଟିକର୍ତ୍ତା ହିସାବରେ ଦେଖାଯିବ ତାହେଲେ ଜଣା ପଡ଼ିବ ଯେ, ନଦୀକୁ ମନମୁତାବକ ବ୍ୟବହାର କଲେ, ଉଭୟ ମଣିଷ ସମାଜ ଓ ପରିବେଶ ଉପରେ ତାହାର କୁପ୍ରଭାବ ପଡ଼ିବ ।

ଛତିଶଗଡ଼ ସରକାରଙ୍କ ମନମାନି କାର୍ଯ୍ୟ ଦୁଇ ରାଜ୍ୟ ମଧ୍ୟରେ ବିବାଦର ରୂପ ନେଲା ୨୦୧୬ ମସିହାରେ । ସେ ବିବାଦ ଏବେ ଟ୍ରିବ୍ୟୁନାଲରେ ବିଚାରାଧୀନ ଅଛି । ହେଲେ ମହାନଦୀର ଅବସ୍ଥା, ତା'ର ସ୍ୱାସ୍ଥ୍ୟାବସ୍ଥା ଓ ସ୍ୱାୟତ୍ତତାରେ ଆହୁରି ଅବନତି ଘଟିଛି । ଏଥିପାଇଁ ଯେ ଉଭୟ ରାଜ୍ୟ ସରକାର ଦାୟୀ, ସେଇଟା କହିବା ଭୁଲ୍ ହେବ । ଉଭୟ ରାଜ୍ୟର ଲୋକ ମଧ୍ୟ ଦାୟୀ । ତେବେ ସେ ବିଷୟରେ ପରେ ଆଲୋଚନା କରିବା । ବର୍ତ୍ତମାନ ମହାନଦୀ ବିବାଦର ମୂଳ କାରଣ ସଂପର୍କରେ ଚର୍ଚ୍ଚା କରିବା ଉଚିତ ହେବ ।



୨୦୦୬ ମସିହାରେ ମୁଁ ଗୋଟିଏ କାମରେ ଛତିଶଗଡ଼ ଯାଇଥାଏ । କିଛି ପରିବେଶକର୍ମୀଙ୍କ ସହ ଗୋଟେ ସଭାରେ ଆଲୋଚନା କଲାବେଳକୁ ଜଣେ ସାମ୍ବାଦିକ ମୋତେ ମହାନଦୀକୁ ନେଇ କିଛି ପ୍ରଶ୍ନ ପଚାରିଲେ । ତାଙ୍କର ସେ ପ୍ରଶ୍ନ ଭିତରେ ସତେ ଯେମିତି ମୋ ପାଇଁ କିଛି ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ରହିଥିଲା । ସେ ପଚାରିଥିଲେ, "ହୀରାକୁଦ ବନ୍ଧରୁ ଯଦି ଛତିଶଗଡ଼କୁ ପାଣି ଦିଆଯିବାର ପ୍ରସ୍ତାବ ରଖାଯିବ, ତା'ହେଲେ ଓଡ଼ିଶା ସରକାର ତାକୁ କେମିତି ଗ୍ରହଣ କରିବେ?" ସେ ପୁଣି ପଚାରିଥିଲେ "ହୀରାକୁଦର ଉପର ମୁଣ୍ଡରେ ଯଦି ଆଉ ଗୋଟେ ଦୁଇଟା ବୃହତ୍ ନଦୀବନ୍ଧ ଯୋଜନା କରାଯିବ, ତା'ର ପ୍ରଭାବ ହୀରାକୁଦ ଉପରେ କ'ଣ ପଡ଼ିବ?" ସାମ୍ବାଦିକ ଜଣକ ତତ୍କାଳୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ବୋଲି ମୁଁ ଜାଣିଥିଲି । ମୋର ଅନୁମାନ ହେଲା କି ସେ ଯାହା ପଚାରୁଛନ୍ତି ସେଇଟା ପ୍ରଶ୍ନ ନୁହେଁ, ବରଂ ସେ ରାଜ୍ୟର କିଛି ଯୋଜନା ବିଷୟରେ ସୂଚନା । ବୁଝାବୁଝି କରିବାରୁ ଜଣାପଡ଼ିଲା, ଛତିଶଗଡ଼ ଅନେକ ବନ୍ଧ ଓ ବ୍ୟାରେଜର ପରିକଳ୍ପନା କରି ସାରିଲାଣି ମହାନଦୀ ପାଣିକୁ ନେଇ । ସେତେବେଳେ ଓଡ଼ିଶାର ଗଣମାଧ୍ୟମ ଜରିଆରେ ମୁଁ ଏଇ କଥା ଓଡ଼ିଶା ସରକାରଙ୍କୁ ଜଣାଇଥିଲି । ହେଲେ କିଛି ଫଳପ୍ରଦ ହେଲାନାହିଁ ।



ରଞ୍ଜନ ପଣ୍ଡା

## ହୀରାକୁଦ ବନ୍ଧ, କୋଇଲା ଖଣି ଓ ତାପଜ ବିଦ୍ୟୁତ୍ କେନ୍ଦ୍ର

୨୦୧୨ରୁ ୨୦୧୭ ମସିହା ପର୍ଯ୍ୟନ୍ତ ଆମେ ମହାନଦୀ ଉପରେ କୋଇଲା ଓ ଅନ୍ୟାନ୍ୟ କଲକାରଖାନାର ପ୍ରଭାବ କେମିତି ପଡୁଛି, ସେଇ ବିଷୟରେ ଗୋଟେ ଲୋକକେନ୍ଦ୍ରିକ ଗବେଷଣା କରିଥିଲୁ । ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର କୋଇଲା ଅଞ୍ଚଳର ବିସ୍ଥାପିତ ଲୋକ ତଥା ପ୍ରଦୂଷଣ ଓ ଅନ୍ୟାନ୍ୟ ଜଳ ସଙ୍କଟ ଭୋଗୁଥିବା ଲୋକଙ୍କ ମତ ନିଆଯାଇଥିଲା । ଏହି ଗବେଷଣା ମାଧ୍ୟମରେ ଆମେ ବିଶେଷକରି କୋଇଲା ଓ ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ମହାନଦୀ ବିବାଦ କେମିତି ଘନେଇଛି, ସେ ବିଷୟରେ ବୁଝିବାକୁ ଚେଷ୍ଟା କରିଥିଲୁ । ଆମର ମୁଖ୍ୟ ନିଷ୍କର୍ଷ ହେଲା, କୋଇଲା ଓ ତା'ଚାରିଆଡ଼େ ଗଢ଼ି ଉଠିଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର ତଥା ଅନ୍ୟାନ୍ୟ କଲକାରଖାନା ପାଇଁ ହିଁ ମହାନଦୀ ଆଜି ବିଶେଷଭାବରେ ପ୍ରଦୂଷିତ । ଏହି ସବୁ କମ୍ପାନୀଗୁଡ଼ିକୁ ପାଣି ଯୋଗେଇବା ପାଇଁ ଉଭୟ ରାଜ୍ୟ ଆଜି ମହାନଦୀକୁ ଅବକ୍ଷୟ ମୁହଁକୁ ଠେଲି ଦେଇଛନ୍ତି ।

ହୀରାକୁଦ ନଦୀବନ୍ଧକୁ ନେଇକି ଉଭୟ ରାଜ୍ୟର ସମ୍ପର୍କ ସବୁବେଳେ ଦ୍ୱନ୍ଦ୍ୱପୂର୍ଣ୍ଣ ରହିଆସିଛି । ହୀରାକୁଦ ନଦୀବନ୍ଧ ସିନା ଓଡ଼ିଶା ମାଟିରେ ଅବସ୍ଥିତ । ହେଲେ ଏହାର ପ୍ରାୟ ୯୦ ଭାଗ ଜଳଗ୍ରହ ଅଞ୍ଚଳ ଛତିଶଗଡ଼ ଭିତରେ ରହିଛି । ୫୦ ଦଶକରେ, ଯେତେବେଳେ ଏହି ବନ୍ଧ ନିର୍ମାଣ ହେଲା, ସେତେବେଳେ ତାହା ମଧ୍ୟପ୍ରଦେଶ ରାଜ୍ୟ ଥିଲା । ବନ୍ଧ ପାଣି ଉପରେ ସେଠିକାର ଲୋକମାନଙ୍କ କିଛି ଅଧିକାର ନଥିଲା । ମଧ୍ୟପ୍ରଦେଶ ରାଜ୍ୟରେ ଛତିଶଗଡ଼ ଅଞ୍ଚଳ ଏକ ଅବହେଳିତ





ଅଞ୍ଚଳ ବୋଲି ସମସ୍ତେ କହୁଥିଲେ । ସେଇଥିପାଇଁ ଏକ ନୂଆ ରାଜ୍ୟ ଗଠନ ନେଇ ଆନ୍ଦୋଳନ ହେଲା ଆଉ ଛତିଶଗଡ଼ ରାଜ୍ୟ ଗଠନ ହେଲା ପରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ଉପରେ ଘୋର ଚାପ ପଡ଼ିବାରେ ଲାଗିଲା । ମହାନଦୀକୁ ବିକାଶର ଇଞ୍ଜିନ୍ ଭାବରେ ଦେଖିଲେ ଛତିଶଗଡ଼ ସରକାର । ସେତେବେଳେ ଉଭୟ ଓଡ଼ିଶା ଓ ଛତିଶଗଡ଼ କୋଇଲା ଓ ଆନୁଷଙ୍ଗିକ କଳ କାରଖାନା ପାଇଁ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ପାଇଁ ମହାନଦୀକୁ ଗୋଟେ ବଳକା ଜଳ ଉତ୍ସ ହିସାବରେ ଚିତ୍ରଣ କରିବାରେ ବ୍ୟସ୍ତ ଥାନ୍ତି । ମହାନଦୀ ପାଣିକୁ ନେଇ ବେପାର କରିବାର ପ୍ରତିଯୋଗିତା ୨୦୦୦ ମସିହାରୁ ତୀବ୍ରତର ହେବାରେ ଲାଗିଲା । ପ୍ରକୃତରେ ୨୦୦୫-୦୬ ମସିହା ବେଳକୁ ଓଡ଼ିଶା ସରକାର ମହାନଦୀ ପାଣିକୁ ନେଇ କଳ କାରଖାନାଗୁଡ଼ିକ ସଙ୍ଗେ ଅନେକ ଏମ୍‌ଓୟୁ କରିବାର ଗୋଟେ ପ୍ରକ୍ରିୟା ଆରମ୍ଭ କରିଦେଲେ । ସେଥିପାଇଁ ହୀରାକୁଦ ପାଣି ଉପରେ ନିର୍ଭରଶୀଳ ଚାଷୀମାନଙ୍କ ମଧ୍ୟରେ ଘୋର ଆଶଙ୍କା ଆଉ ଅଶାନ୍ତି ସୃଷ୍ଟି ହେଲା । ଏହି ଅଶାନ୍ତି ଓଡ଼ିଶା ଇତିହାସର ସବୁଠୁ ବଡ଼ ଓ ପ୍ରଭାବଶାଳୀ ଆନ୍ଦୋଳନର ରୂପ ନେଲା । ଆନ୍ଦୋଳନକୁ ଦୃଷ୍ଟିରେ ରଖି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ "ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ପାଣିରୁ ଗୋଟେ ବୁନ୍ଦା ଜଳ ବି କଳକାରଖାନାମାନଙ୍କୁ ଦିଆଯିବ ନାହିଁ ।" ତେବେ ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବିଭିନ୍ନ ସ୍ତରରେ ଅନେକ ଚେଷ୍ଟା କରାଯାଇଥିଲା ।






## ସଭ୍ୟତାର ନା ରାଜ୍ୟର ଲଢ଼େଇ ?

୨୦୧୭ ମସିହାରେ ଆମେ ଗୋଟେ ସରକାରୀ ଚିଠି ଏକ ବିଶ୍ୱସ୍ତ ସୂତ୍ରରୁ ପାଇଲୁ । ଆଉ ସେଇ ଚିଠି ଆଧାରରେ ଗୋଟେ ପ୍ରେସ୍ ବିଜ୍ଞପ୍ତି ଜାରି କଲୁ ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ମଧ୍ୟ ଚେତେଇଦେଲୁ ଯେ, ଉପର ମୁଣ୍ଡରେ ଯେଉଁ ବନ୍ଧ ଆଉ ବ୍ୟାରେଜ୍ ନିର୍ମାଣ କରାହେଉଛି, ଏଇଟା ନିହାତି ଚିନ୍ତାର ବିଷୟ । ତୁରନ୍ତ ଦୁଇ ରାଜ୍ୟ ମଧ୍ୟରେ ଗୋଟେ ବୁଝାମଣା ହେବା ଦରକାର । ଆମର ବିଜ୍ଞପ୍ତି ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଅନେକ ଆନ୍ଦୋଳନ ମୁଣ୍ଡ ଟେକିଲା ଓଡ଼ିଶା ଭିତରେ । ଚାଷୀ ଆନ୍ଦୋଳନ ତ ଚାଲିଥାଏ, ରାଜନୈତିକ ଆନ୍ଦୋଳନ ବି ଆରମ୍ଭ ହେଇଗଲା । କିଛି ସାମାଜିକ କର୍ମୀ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହେଲେ ।

ଚାଷୀଙ୍କ ଆନ୍ଦୋଳନକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ଆନ୍ଦୋଳନ ମହାନଦୀର ଜଳ ବିବାଦକୁ ବଢ଼େଇବାରେ ହିଁ ସହାୟକ ହେଲା । ଏସବୁ ଆନ୍ଦୋଳନ ମହାନଦୀକୁ ଭାଗ ଭାଗ କରି ଦେଖିବାକୁ ଲୋକଙ୍କୁ ପ୍ରରୋଚିତ କଲା । ଏ କଥା ସତ ଯେ ନଦୀର ପରିଚାଳନା ପାଇଁ ରାଜ୍ୟସ୍ତରୀୟ ନିୟମକାନୁନ୍ ଅନୁସାରେ ବ୍ୟବସ୍ଥା କରିବାକୁ ହୁଏ । ତେବେ ଅନ୍ତରାଜ୍ୟ ନଦୀଗୁଡ଼ିକର କଥା ଅଲଗା ।

ମହାନଦୀ ସୃଷ୍ଟି କରିଛି ଗୋଟେ ମହାସଭ୍ୟତା ଆଉ ଉଭୟ ଓଡ଼ିଶା ଓ ଛତିଶଗଡ଼ବାସୀ ଏହି ସଭ୍ୟତାର ଅଂଶ । ଯେଉଁ ଆନ୍ଦୋଳନ ସବୁ ରାଜ୍ୟସ୍ତରୀୟ 'ଅସ୍ମିତା' ଆଧାରରେ ଗଢ଼ି ଉଠିଲେ, ସେମାନେ ମହାନଦୀର ପ୍ରାକୃତିକ ବ୍ୟବସ୍ଥାକୁ ରାଜ୍ୟ ସୀମା ଭିତରେ ଦେଖିବାର ଚେଷ୍ଟା କଲେ । ସେମାନେ ଯଦି ପ୍ରଥମରୁ ଅନ୍ତଃରାଜ୍ୟ ସହଯୋଗ କଥା କହିଥାନ୍ତେ ଆଜି ନିହାତି ରୂପେ ମହାନଦୀର ଅବସ୍ଥା ଆହୁରି ସୁସ୍ଥ ଆଉ ଶାନ୍ତି ଭରା ହେଇଥାନ୍ତା । ଏ ସବୁ ଆନ୍ଦୋଳନ କୋଇଲା ଖଣି, ତାପଜ ବିଦ୍ୟୁତ କେନ୍ଦ୍ର ଓ ଅନ୍ୟାନ୍ୟ କଳକାରଖାନାର ମାଲିକମାନଙ୍କୁ ସୁହାଇଲା ପରି ଅନୁମେୟ ହେଉଥିଲା । ଛତିଶଗଡ଼ ତା'ର ପ୍ରାୟ ସମସ୍ତ ବ୍ୟାରେଜରୁ ଚାଷକୁ ପାଣି ଦେବା ନାଁରେ ନିର୍ମାଣ କରିଥିଲା । କିନ୍ତୁ ପ୍ରକୃତରେ ଏ ସବୁ ଏହି କାରଖାନାମାନଙ୍କୁ ପାଣି ଯୋଗେଇବା କାମ ହିଁ କରୁଥିଲା, ଏବେ ବି କରୁଛି ।

ଛତିଶଗଡ଼ର ଜଣେ ପୂର୍ବତନ ଅର୍ଥମନ୍ତ୍ରୀ ମୋତେ କହିଥିଲେ ଯେ ଓଡ଼ିଶା ତ ହୀରାକୁଦ ପାଣି ଉପରେ ତା'ର ଏକତରଫା ଅଧିକାର ସବୁବେଳେ ସାବ୍ୟସ୍ତ କରି ଆସିଛି, ଆମେ ଯଦି ମହାନଦୀ ପାଣିକୁ କଳକାରଖାନା ବା ଚାଷୀଙ୍କ ପାଇଁ ଦେଲୁ, ସେଥିରେ ଓଡ଼ିଶାର ଆପତ୍ତି କାହିଁକି ରହୁଛି? ଛତିଶଗଡ଼ ସରକାରଙ୍କ ଜଣେ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଆହୁରି କହିଥିଲେ ଯେ, "ମହାନଦୀର ପାଣି ସମୁଦ୍ରକୁ ବହି ଯାଇକି ନଷ୍ଟ ହୋଇଯାଉଛି । ଓଡ଼ିଶା ସେ ସବୁ ପାଣିକୁ ବନ୍ଧ ବାନ୍ଧି ଅଟକାଇ ନିଜର ବିକାଶ ନ କରି ଆମକୁ ଦୋଷ ଦେବାଟା ଠିକ ନୁହେଁ । ଦୁର୍ଭାଗ୍ୟପୂର୍ଣ୍ଣ କଥା ହେଲା, ଓଡ଼ିଶାରେ ଆନ୍ଦୋଳନରତ କିଛି ବୁଦ୍ଧିଜୀବୀ ବି ସମାନ ମତ ରଖିଥିଲେ । ଏମାନେ ସବୁ ଭୁଲିଗଲେ ଯେ ନଦୀର ପ୍ରାକୃତିକ ବ୍ୟବସ୍ଥାରେ କିଛି ନଷ୍ଟ ଜଳ ନଥାଏ, ଆଉ ସମୁଦ୍ରକୁ ଯଦି ନଦୀର ସ୍ୱଚ୍ଛ ଜଳ ଯିବାଟା ବନ୍ଦ ହେଇଯିବ ବା କମିଯିବ, ତାହେଲେ ତାହା ଆହୁରି ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହେବ । ବର୍ତ୍ତମାନ ମହାନଦୀ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅନେକ ମାତ୍ରାରେ ପ୍ରଭାବିତ ହେଇସାରିଲାଣି । ଯଦି ସମୁଦ୍ରକୁ ଯାଉଥିବା ପାଣି କମିଯିବ, ତାହେଲେ ଏହି ପ୍ରଭାବ ଆହୁରି ଭୟଙ୍କର ହେବ । ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ଟ୍ରିବ୍ୟୁନାଲରେ ଯେଉଁ ଆପତ୍ତି ଦାଖଲ କରାଯାଇଛି, ସେଥିରେ ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ବେଶୀ ବନ୍ଧ ଓ ବ୍ୟାରେଜ୍ ଦ୍ୱାରା ମହାନଦୀର ତଳମୁଣ୍ଡରେ ଥିବା ପ୍ରାକୃତିକ ସ୍ୱଚ୍ଛ ଜଳ କେନ୍ଦ୍ରିକ Ecosystem ସବୁ ବିଶେଷ ଭାବରେ ପ୍ରଭାବିତ ହେବ । ସାତକୋଶିଆ ଗଣ୍ଡ, ଚିଲିକା ହ୍ରଦ ଓ ଭିତରକନିକା ପ୍ରାକୃତିକ ଉଦ୍ୟାନ ତନ୍ମଧ୍ୟରୁ ଅନ୍ୟତମ ।



## ସମ୍ପର୍କର ସେତୁ

ମହାନଦୀର କୋଇଲା ଖଣି ଅଞ୍ଚଳ ଯଦିଓ ଅନେକ ମାତ୍ରାରେ ଉଭୟ ରାଜ୍ୟ ଓ ଦେଶର ଆର୍ଥିକ ବିକାଶରେ ସହାୟକ ହୋଇଛି, ନଦୀ ଜଳ ଓ ପରିବେଶ ପାଇଁ ଏ ଅଞ୍ଚଳ ଏକ ଅଭିଶାପ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଯଦିଓ ଟ୍ରିବ୍ୟୁନାଲରେ ନଦୀ ବିବାଦର ମାମଲା ଚାଲିଛି, ନଦୀର ସ୍ୱାସ୍ଥ୍ୟ ଦିନକୁ ଦିନ ବିଗୁଡୁଛି । ବିଭିନ୍ନ ଆକଳନରୁ ସ୍ପଷ୍ଟ ହେଉଛି ଯେ ମହାନଦୀର ଜଳଧାରଣ କ୍ଷମତା କମିକମି ଗଲାଣି । ପ୍ରଦୂଷଣ ମଧ୍ୟ ବଢ଼ିବଢ଼ି ଯାଉଛି । ମହାନଦୀକୁ ବର୍ତ୍ତମାନ ଲୋଡ଼ା ଉଭୟ ରାଜ୍ୟର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ । ଯେତେବେଳ ଯାଏଁ ଆମେ 'ସିଭିଲ ଇଞ୍ଜିନିୟରିଂ' ଚଷମାରୁ ନଦୀ ବ୍ୟବସ୍ଥାକୁ ଦେଖିଥିବା, ଏପରି ସମନ୍ୱୟ ଆଣିବା କାଠିକର ପାଠ ହେବ । ଆମେ ସମସ୍ତେ ଯଦି ମହାନଦୀକୁ 'ସଭ୍ୟତା ସୃଷ୍ଟିକର୍ତ୍ତା ନଦୀ' ଭାବରେ ଦେଖିବା, ଆଉ ନଦୀର ପ୍ରାକୃତିକ ଅବସ୍ଥିତି, ବ୍ୟବସ୍ଥା ଓ ସ୍ୱାୟତ୍ତତା ଉପରେ ଗୁରୁତ୍ୱ ଦେବା, ତାହେଲେ 'ସଂରକ୍ଷଣ' ର ବାଟ ବାହାରିବ ।

ବର୍ତ୍ତମାନ ପରିସ୍ଥିତିରେ ଆମ ଦେଶର ଯାହା ଜଳ ନୀତି ଓ ଅନ୍ୟାନ୍ୟ ନିୟମ ଅଛି ସେ ସବୁ ନଦୀ ସଂରକ୍ଷଣ ଦିଗରେ ବେଶୀ ସୁହାଇଲା ଭଳିଆ ନୁହେଁ । ଟ୍ରିବ୍ୟୁନାଲରୁ ବିଶେଷ କିଛି ନ୍ୟାୟ ମିଳିବାର ଆଶା ମଧ୍ୟ ନାହିଁ । ଟ୍ରିବ୍ୟୁନାଲ କେବଳ ନଦୀରେ ବହି ଯାଉଥିବା ଜଳର ଭାଗ ବଣ୍ଟା ପାଇଁ ଗୋଟେ ଗାଣିତିକ ସୂତ୍ର ପ୍ରସ୍ତୁତ କରିଦେବ । ସେ ସୂତ୍ର ଯେ ଉଭୟ ରାଜ୍ୟ ମାନିନେବେ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ । କାବେରୀ ଓ ଅନ୍ୟାନ୍ୟ ଜଳ ବିବାଦର ଇତିହାସରୁ ଏହା ସ୍ପଷ୍ଟ । ଯଦି ଉଭୟ ରାଜ୍ୟର ସରକାର ଆଉ ରାଜ୍ୟବାସୀ ଭାଇଚାରା ମାଧ୍ୟମରେ ଗୋଟେ 'ନଦୀ ସଂରକ୍ଷଣ ଯୋଜନା' କରି ତାକୁ କାର୍ଯ୍ୟକରି କରି ପାରିବେ, ଆମ ମା' ନଦୀ ବଞ୍ଚିଯିବ ।

ନଦୀ ସଂରକ୍ଷଣ ପାଇଁ ଏକ ଶାନ୍ତି ଓ ସଦ୍ଭାବନା ରକ୍ଷା କରିବା ଦରକାର । ଏବେ ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମହାନଦୀ ପାଇଁ ଏହି ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ସମୟ ଆସିଛି । ଉଭୟ ରାଜ୍ୟରେ ଗୋଟେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସରକାର ଗଠନ ହୋଇଛି ଆଉ କେନ୍ଦ୍ରରେ ବି ସେଇ ଦଳ ନେତୃତ୍ୱରେ ଗୋଟେ ଗଠବନ୍ଧନ ସରକାର ଗଠନ ହେଇଛି । ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଏବେ ଗୋଟେ ବିଜ୍ଞପ୍ତିରେ କହି ସାରିଲେଣି ଯେ ଛତିଶଗଡ଼ ସହିତ ମହାନଦୀ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରାଯିବ । ଏହା ସ୍ୱାଗତଯୋଗ୍ୟ । ବିଶେଷକରି ଧ୍ୟାନ ଦେବା କଥା ଯେ, ଦ୍ୱନ୍ଦ୍ୱପୂର୍ଣ୍ଣ ବାତାବରଣ ଯେମିତି ସୃଷ୍ଟି ନ ହୁଏ । ଆଉ ମହାନଦୀର ପ୍ରାକୃତିକ ବ୍ୟବସ୍ଥାର ସଂରକ୍ଷଣ ପାଇଁ ମିଳିମିଶି କାମ କରିବାର ବାଟ ଯେମିତି ଖୋଲୁ । ■

# ମହାନଦୀ ମା'କୁ ଶୋଷିବା ବିପଜ୍ଜନକ

ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ବିବାଦ ଲାଗି ରହିଛି। ଓଡ଼ିଶାର ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଓ ଛତିଶଗଡ଼ର ବିଜେପି ସରକାର ମଧ୍ୟରେ ମହାନଦୀ ଜଳକୁ ନେଇ ବିବାଦ ଲାଗି ରହିଥିଲା। ଏବେ ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇ ବିଜେପି କ୍ଷମତାକୁ ଆସିଛି। ତେଣୁ ମହାନଦୀ ଜଳ ବିବାଦ ସମାଧାନକୁ ନେଇ ସମସ୍ତଙ୍କ ଭିତରେ ଉତ୍ସୁକତା ଲାଗି ରହିଛି। କିନ୍ତୁ ଜାଣି ରଖିବା ଦରକାର ଯେ ନଦୀ ଏକ ସାଧାରଣ ବସ୍ତୁ ବା ସମ୍ପତ୍ତି ନୁହେଁ। ମହାନଦୀ ତ' ବିଲକୁଲ୍ ସେମିତି ନୁହେଁ। ଏବେ ହୁଏତ ପ୍ରଶ୍ନ ଉଠିପାରେ ମହାନଦୀ କାହିଁକି ସେମିତି ନୁହେଁ? ମହାନଦୀ ସେମିତି ନୁହେଁ, କାରଣ ମହାନଦୀ ଆଦୌ ଏକ ସାଧାରଣ ନଦୀ ନୁହେଁ। ମହାନଦୀ କେବଳ ଜୀବନପ୍ରଦାୟିନୀ ଓ ସୌମ୍ୟା ନୁହେଁ, ଏହା ଅନେକ ସମୟରେ ତାହାରି ଭୟଙ୍କର ରୌଦ୍ରରୂପ ମଧ୍ୟ ଦେଖାଇଥାଏ। ଅର୍ଥାତ୍, ମହାନଦୀରେ ବନ୍ୟା ମଧ୍ୟ ଏକ ବଡ଼ ପ୍ରସଙ୍ଗ। ମହାନଦୀର ଜଳ ଉପରେ ଭାଗ ବସାଉଥିବା ପକ୍ଷମାନେ ଏହାକୁ ଆଦୌ ଅଣଦେଖା କରିବା ଉଚିତ ନୁହେଁ।



ବିମଳ ପ୍ରସାଦ ପାଣ୍ଡିଆ



## ମହାନଦୀ ଜଳ: କିଛି ତଥ୍ୟ

୨୦୧୬ ମସିହା ଡିସେମ୍ବର ୫ ତାରିଖରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ କହିଥିଲେ ଯେ, ଛତିଶଗଡ଼ ବିଭିନ୍ନ ପ୍ରକଳ୍ପ ଜରିଆରେ ମହାନଦୀର ୨୭.୪୮ ନିୟୁତ ଏକର ଫୁଟ ପାଣି ବ୍ୟବହାର କରିବା ଯୋଜନା ରଖିଛି। ୧୯୮୩ ମସିହାରେ ତତ୍କାଳୀନ ମଧ୍ୟପ୍ରଦେଶ ସରକାର ମହାନଦୀର ଏକ ମାଷ୍ଟରପ୍ଲାନ୍ କରିଥିଲେ। ତହିଁରେ କୁହାଯାଇଥିଲା ଯେ, ମହାନଦୀର ୨୧.୫ ନିୟୁତ ଏକର ଫୁଟ ପାଣି ମଧ୍ୟପ୍ରଦେଶ ପାଇଁ ସଂରକ୍ଷିତ କରି ରଖାଯିବ। ଖାଲି ସଂଖ୍ୟା କହିଦେଲେ ଆମେ ବୁଝିପାରିବାନି ଯେ, ଏହି ୨୭.୪୮ ବା ୨୧.୫ ନିୟୁତ ଏକର ଫୁଟ ଜଳ କେତେ। ଛତିଶଗଡ଼ ରାଜ୍ୟରେ ଥିବା ମହାନଦୀ ଅବବାହିକାର ସମଗ୍ର ଅଞ୍ଚଳରୁ ବାର୍ଷିକ ହାରାହାରି ପ୍ରାୟ ୨୮.୬ ନିୟୁତ ଏକର ଫୁଟ ବର୍ଷାରୁ ଉତ୍ପନ୍ନ ହୋଇଥାଏ। ତାହାହେଲେ କ'ଣ ତତ୍କାଳୀନ ମଧ୍ୟପ୍ରଦେଶ ବା ବର୍ତ୍ତମାନର ଛତିଶଗଡ଼ ରାଜ୍ୟ ତାଙ୍କ ଅଞ୍ଚଳରେ ଥିବା ମହାନଦୀରୁ ମିଳୁଥିବା ହାରାହାରି ବର୍ଷା ଜଳର ପ୍ରାୟ ସବୁ ଜଳକୁ ଅଟକାଇବାର ଯୋଜନା କରିଛନ୍ତି? ତତ୍କାଳୀନ ଓଡ଼ିଶା ସରକାର କିଛି ସେମିତି ଅଭିଯୋଗ ରଖିଥିଲେ। ୨୦୧୭ ମସିହାରେ ଦିଲ୍ଲୀରେ ହୋଇଥିବା ତ୍ରିପାକ୍ଷିକ ବୈଠକରେ ଓଡ଼ିଶା ଜଣାଇଥିଲା ଯେ, ସେତେବେଳେ ଛତିଶଗଡ଼ରୁ ହୀରାକୁଦ ଜଳଭଣ୍ଡାରକୁ ହାରାହାରି ୧୫.୬ ନିୟୁତ ଏକର ଫୁଟ ଜଳ ପ୍ରବେଶ କରୁଥିବା ବେଳେ ଛତିଶଗଡ଼ ନୂତନ ପ୍ରକଳ୍ପ ମାଧ୍ୟମରେ ୧୯.୧୮ ନିୟୁତ ଏକର ଫୁଟ ଜଳ ବ୍ୟବହାର କରିବାର ଯୋଜନା କରିସାରିଛି। ଏହାର ଅର୍ଥ ହେଲା ଯେ, ହୀରାକୁଦକୁ ଯେତେ ଜଳ ପ୍ରବେଶ କରୁଛି, ଛତିଶଗଡ଼ ତାହାଠୁ ଅଧିକ ଜଳ ବ୍ୟବହାର କରିବାର ଯୋଜନା କରିଛି। ଅନ୍ୟ ଭାବରେ କହିଲେ ଛତିଶଗଡ଼ରୁ ଓଡ଼ିଶାକୁ ବୁନ୍ଦାଏ ଜଳ ଆସିବ ନାହିଁ।

ତତ୍କାଳୀନ ଓଡ଼ିଶା ସରକାର ପ୍ରଦାନ କରିଥିବା ଏହି ଭୀତିପ୍ରଦ ତଥ୍ୟ କେତେ ସତ୍ୟ, ତାହା ଆମେ ଜାଣି ନାହୁଁ। କିନ୍ତୁ ମହାନଦୀ ଭଳି ଏକ ନଦୀର ଜଳ କ'ଣ କେବେ ପୂରା ଅଟକାଇ ହେବ? ଆଉ ଯଦି ବି ସେମିତି ଅଟକାଇବାର ଧୃଷ୍ଟତା ହୁଏ, ତାହାର ଫଳ କ'ଣ କେବଳ ତଳ ମୁଣ୍ଡରେ ଜଳ ସଙ୍କଟରେ ସୀମିତ ରହିବ? ଆମେ ସମସ୍ତେ ଜାଣିବା ଦରକାର ଯେ ଯଦି ମଣିଷ ସେମିତି କରିବାର ଧୃଷ୍ଟତା କେବେ କରେ, ତେବେ ମହାନଦୀ ତାହାର ଭୟଙ୍କର ରୌଦ୍ର ରୂପ ହିଁ ପରିପ୍ରକାଶ କରିବ, ବନ୍ୟାର ବିଭୀଷିକା ବଢ଼ିବ ହିଁ ବଢ଼ିବ। ଏବେ ଅନେକେ ପ୍ରଶ୍ନ କରି ପାରନ୍ତି ଯଦି ଜଳଭଣ୍ଡାରଗୁଡ଼ିକରେ ପାଣି ରଖିବାର ବ୍ୟବସ୍ଥା ହେବ, ତେବେ ବନ୍ୟା କେମିତି ହେବ, ସବୁ ଜଳ ତା' ସେଇଠି ରହିଯିବ ? ଏଇ ଦଶନ୍ଧିଏ ଭିତରେ ଆମେ ପାଇଥିବା ସେଭଳି ବନ୍ୟାର କିଛି ଉଦାହରଣ ଦେଖିବାକୁ ପାଇଛୁ। ସେହି ସବୁ ବନ୍ଧ ପାଣିକୁ ଉପଯୋଗ କରିବା ପାଇଁ ତିଆରି ହେବ, ବନ୍ୟା ନିୟନ୍ତ୍ରଣ ପାଇଁ ନୁହେଁ। ଅର୍ଥାତ୍, ଜଳଭଣ୍ଡାରକୁ ଯେତେ ଶୀଘ୍ର ପୂର୍ଣ୍ଣ କରିହେବ, ତାହା ତାଙ୍କର ପ୍ରମୁଖ ଉଦ୍ଦେଶ୍ୟ ହେବ। କୌଣସି ବର୍ଷା ଋତୁର ମଧ୍ୟବର୍ତ୍ତୀ ବା ଶେଷ ଆଡ଼କୁ ଯଦି ବଡ଼ ବର୍ଷା ଆସେ, ତେବେ ସେତେବେଳକୁ ଭରି ରହିଥିବା ସେହି ସବୁ ଜଳଭଣ୍ଡାର ଅତିରିକ୍ତ ପାଣି ନିଷ୍କାସନ କରିବେ। ଯାହା ତଳମୁଣ୍ଡରେ ଥିବା ବନ୍ଧରେ ଅତିରିକ୍ତ ଚାପ ପକାଇବ। ସେହି ବନ୍ଧ ନିଜକୁ ସୁରକ୍ଷିତ ରଖିବା ପାଇଁ ଆହୁରି ଅଧିକ ପାଣି ଛାଡ଼ିବ। ଏମିତି ଭାବରେ ପ୍ରତ୍ୟେକେ ବନ୍ଧ ଅତିରିକ୍ତ ଛାଡ଼ି ଚାଲିବେ ଓ ତଳମୁଣ୍ଡରେ ଭୟଙ୍କର ବନ୍ୟା ବିପତ୍ତିମାନ ସୃଷ୍ଟି କରି ଚାଲିବେ।

## ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍


ମହାନଦୀ ଏକ ଏମିତି ସମ୍ପତ୍ତି ନୁହେଁ, ଯାହାକୁ ଭାଗବଣ୍ଟା କରିହେବ। ଭାରତରେ ଆଜି ଯାଏ ପ୍ରାଧିକରଣ ମାଧ୍ୟମରେ ଯେଉଁସବୁ ପ୍ରମୁଖ ଜଳ ବିବାଦର ସମାଧାନ ଉଦ୍ୟମ ହୋଇଛି, ସବୁରେ କେବଳ ଜଳ ଉପରେ ଅଧିକାର କଥା ହିଁ ପ୍ରସଙ୍ଗ ହୋଇଛି, କୌଣସିରେ ବି ବନ୍ୟାର ତର୍ଜମା ହୋଇନାହିଁ। କ୍ରିଷ୍ଣା ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ୩୦ଟି ବିବାଦୀୟ ପ୍ରସଙ୍ଗକୁ ବିଚାର ପାଇଁ ଚିହ୍ନଟ କରିଥିଲା। ତହିଁରେ ଗୋଟିଏ ବି ବନ୍ୟା ସମ୍ବନ୍ଧିତ ନ ଥିଲା। ସେହି ବର୍ଷ ଗଠନ ହୋଇଥିବା ଗୋଦାବରୀ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ୬ଟି ବିବାଦୀୟ ପ୍ରସଙ୍ଗକୁ ବିଚାର ପାଇଁ ଚିହ୍ନଟ କରିଥିଲା। ତହିଁରେ ଗୋଟିଏ ବି ବନ୍ୟା ସମ୍ବନ୍ଧିତ ନ ଥିଲା। ବର୍ତ୍ତମାନ ସମୟରେ ସବୁଠାରୁ ଅଧିକ ଚର୍ଚ୍ଚିତ ହୋଇଥିବା କାବେରୀ ଜଳ ବିବାଦ ଟ୍ରିବ୍ୟୁନାଲ ତ ୫୦ଟି ପ୍ରସଙ୍ଗ ବିଚାର ପାଇଁ ଚିହ୍ନଟ କରିଥିଲା। ସେଥିରେ ବି ଗୋଟିଏ ମଧ୍ୟ ବନ୍ୟା ସମ୍ବନ୍ଧିତ ନ ଥିଲା। ନର୍ମଦା ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ବି ସେହି ଭାଗବଣ୍ଟା କଥା ହିଁ ବୁଝିଥିଲା, ବନ୍ୟାର କୌଣସି ଚର୍ଚ୍ଚା ହିଁ ନ ଥିଲା। ମହାନଦୀ କ୍ଷେତ୍ରରେ ତାହା ହୋଇପାରିବ ନାହିଁ।

ନଦୀ ପ୍ରାଧିକରଣ ମାଧ୍ୟମରେ ଜଳ ଉପରେ ଅଧିକାର ଜାହିର କରିବା ମଣିଷର ନିଜ ଆସ୍ପର୍ଦ୍ଧାର ପରିପ୍ରକାଶ ଅଟେ। ଆମେ ଭାରତୀୟ ସଂସ୍କୃତିର ଦ୍ୱାହି ଦେଉ। ସେହି ସଂସ୍କୃତି ତ ନଦୀକୁ 'ମା' ବୋଲି ବିଚାର କରେ। ଯଦି ଆମେ ଭାରତୀୟ ସଂସ୍କୃତିକୁ ନେଇ ଏତେ ଗର୍ବ କରୁଛୁ, ତେବେ ଆମ ମା' ଉପରେ ଭାଗ ବସାଇ ତାହାକୁ ଶୋଷଣ କରି ନିଃଶେଷ କରିଦେବାର ପ୍ରୟାସ କାହିଁକି କରୁଛୁ? ନଦୀ ଆମ ସଂସ୍କୃତିର ଓ ଚଳଣିର ସୂଚକ। ଆମର ବଞ୍ଚି ରହିବା ପାଇଁ ଶିରାପ୍ରଶିରାରେ ଯେମିତି ରକ୍ତ ବହିବା ଦରକାର, ସେମିତି ଆମର ସଭ୍ୟତା ବଞ୍ଚିରହିବା ପାଇଁ ନଦୀରେ ପାଣି ବହିବା ଦରକାର। ଆମ ସରକାରମାନେ ଏହି ଚିନ୍ତା ରଖନ୍ତୁ, ମହାନଦୀରେ ଭାଗ ବସାଇବା ଛାଡ଼ନ୍ତୁ।

## ମହାନଦୀ ଟ୍ରିବ୍ୟୁନାଲ୍

୨୦୧୮ ଫେବୃୟାରୀ ୨୦ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ମହାନଦୀ ଜଳ ବିବାଦର ସମାଧାନ ଲକ୍ଷ୍ୟରେ ଏକ ଟ୍ରିବ୍ୟୁନାଲ ଗଠନ ପାଇଁ ନିଷ୍ପତ୍ତି ନେଇଥିଲେ। ମହାନଦୀ ଅବବାହିକାରେ କେତେ ପାଣି ରହିଛି, ବିଭିନ୍ନ ରାଜ୍ୟରେ ଥିବା ଅଞ୍ଚଳ ମହାନଦୀ ଅବବାହିକାକୁ କେତେ ପାଣି ଯୋଗାନ୍ତି, ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ଜଳ ବ୍ୟବହାରର ସ୍ଥିତି କ'ଣ ରହିଛି ଏବଂ ଭବିଷ୍ୟତରେ ଜଳ ବ୍ୟବହାରର କ'ଣ ସମ୍ଭାବନା ଅଛି ଆଦି ତଥ୍ୟ ଓ ପରିସ୍ଥିତିର ବିଚାର କରି ନଦୀ ଜଳରେ କେଉଁ ରାଜ୍ୟର କେତେ ଭାଗ ରହିବ, ତାହା ନିର୍ଦ୍ଧାରଣ କରିବେ ଟ୍ରିବ୍ୟୁନାଲ। ଟ୍ରିବ୍ୟୁନାଲଟେ ଗଠନ ହୋଇଗଲେ ଯେ ନଦୀ ଜଳ ବିବାଦର ସମାଧାନ ହୋଇଯିବ ଏହି ବିଶ୍ୱାସ ମୋର ପ୍ରାୟ ନାହିଁ କାରଣ ମହାନଦୀର ଚରିତ୍ର ପରିପ୍ରେକ୍ଷୀରେ ଏହି ଜଳବିବାଦ ଅନ୍ୟ ସବୁ ନଦୀ ବିବାଦଠାରୁ ଭିନ୍ନ ହେବ ନିଶ୍ଚୟ। ତେବେ ଟ୍ରିବ୍ୟୁନାଲରେ ବିଚାର ସମୟରେ ଅନେକ କିଛି ତଥ୍ୟ ପଦାକୁ ଆସିବ, ନିଶ୍ଚୟ ଯାହା ସରକାର ତଥା ମଣିଷ ସମାଜକୁ ପ୍ରକୃତ ନିଷ୍ପତ୍ତି ନେବାର ରାସ୍ତା ଦେଖାଇବ।





## ତଥ୍ୟକୁ ନେଇ ବିବାଦ

ମହାନଦୀ ବିବାଦରେ ନିଜର ପକ୍ଷ ରଖିବା ପାଇଁ ଅତୀତରେ ଓଡ଼ିଶା ଓ ଛତିଶଗଡ଼ ଉଭୟ ରାଜ୍ୟ ଏମିତି ତଥ୍ୟସବୁ ରଖିଥିଲେ, ଯାହାକୁ ବୁଝିବା ବଡ଼ କଠିନ ହୋଇଯାଉଛି। ଛତିଶଗଡ଼ ସରକାର ୨୦୧୬ ମସିହାରେ ଦିଲ୍ଲୀରେ ହୋଇଥିବା ମୁଖ୍ୟମନ୍ତ୍ରୀସ୍ତରୀୟ ବୈଠକରେ ୧୯୭୩ ମସିହାରେ ହୋଇଥିବା ମୁଖ୍ୟମନ୍ତ୍ରୀସ୍ତରୀୟ ଏକ ବୈଠକର ତଥ୍ୟ ଦେଇ କହିଥିଲେ ଯେ, ହୀରାକୁଦ ଜଳଭଣ୍ଡାରକୁ କେବଳ ଛତିଶଗଡ଼ରୁ ବାର୍ଷିକ ହାରାହାରି ୩୫, ୩୦୮ ନିୟୁତ ଘନମିଟର (ନିଘମି) ବା ୨୮.୬୨ ନିୟୁତ ଏକରଫୁଟ (ନିଏଫୁ) ପାଣି ଆସୁଛି। ଏବେ ପ୍ରଶ୍ନ ହେଲା ଯେ ତତ୍କାଳୀନ ମଧ୍ୟପ୍ରଦେଶ ସରକାର ବା ଏବର ଛତିଶଗଡ଼ ସରକାର କ'ଣ ୧୯୭୩ ମସିହା ପରେ ଆଉ ଜଳର ଆକଳନ କରିନାହାନ୍ତି? ବର୍ଷା ଓ ଜଳ ପ୍ରବାହର ଚରିତ୍ରରେ ଏହି ୪୫ ବର୍ଷରେ କ'ଣ କିଛି ପରିବର୍ତ୍ତନ ହୋଇନାହିଁ? କଥା ହେଲା ଯେ ସେହି ତଥ୍ୟ ଦେଇ ଛତିଶଗଡ଼ ସରକାର ଏହା କହିବାର ସୁଯୋଗ ପାଇଲେ ଯେ, ଛତିଶଗଡ଼ରୁ ଆସୁଥିବା ପାଣିରେ ହୀରାକୁଦ ୬/୭ ଥର ଭରି ହୋଇଯିବ। ହୀରାକୁଦକୁ ପ୍ରଚୁର ଜଳ ଆସୁଛି ବୋଲି ୧୯୭୩ ମସିହାର ବୈଠକର ତଥ୍ୟ ଦେଲେ କିନ୍ତୁ ତାଙ୍କ ରାଜ୍ୟରୁ ଓଡ଼ିଶାକୁ ଜଳପ୍ରବାହ କମୁନାହିଁ ବୋଲି ଦେଖାଇବା ପାଇଁ ହୀରାକୁଦର ଉପରମୁଣ୍ଡରେ ଥିବା ବସନ୍ତପୁର ବ୍ୟାରେଜଠାରେ ୧୯୭୧-୭୨ରୁ ୨୦୧୪-୧୫ ବର୍ଷ ମଧ୍ୟରେ ହୋଇଥିବା ପ୍ରବାହର ଆଉ ଗୋଟେ ତଥ୍ୟ ଦେଲେ। ସେହି ସମୟ ମଧ୍ୟରେ ସେଠାରେ ହାରାହାରି ପ୍ରାୟ ୨୨, ୦୦୦ ନିଘମି ବା ୧୭.୮ ନିଏଫୁ ପାଣି ପ୍ରବାହିତ ହେଉଥିଲା। ଛତିଶଗଡ଼କୁ ଏହା ଦିଶିଲା ନାହିଁ ଯେ ଜଳପ୍ରବାହ କମୁନାହିଁ ବୋଲି ଦେଖାଇବା ପାଇଁ ସେ ଦେଇଥିବା ମାତ୍ରା ଓଡ଼ିଶାକୁ ପ୍ରଚୁର ଜଳ ଆସୁଛି ବୋଲି ଦେଖାଇବା ପାଇଁ ଦେଇଥିବା ମାତ୍ରାରୁ ୨୮% କମ।

ଛତିଶଗଡ଼ ସରକାର କହିଥିଲେ ଯେ, ତାଙ୍କ ରାଜ୍ୟ ମହାନଦୀରୁ ୧୦, ୨୪୫ ନିଘମି ବା ୮.୩୧ ନିଏଫୁ ପାଣି ବ୍ୟବହାର କରୁଛନ୍ତି। ଆଉ ୨୩, ୬୫୧ ନିଘମି ବା ୧୯.୧୭ ନିଏଫୁ ପାଣି ବ୍ୟବହାର କରିବାର ଯୋଜନା ଅଛି। ଏହି ଯୋଜନା ଅନୁସାରେ ମହାନଦୀରୁ ଛତିଶଗଡ଼ ୩୩, ୮୯୬ ନିଘମି ବା ୨୭.୪୮ ନିଏଫୁ ପାଣି ବ୍ୟବହାର କରିବ। ମହାନଦୀରେ କ'ଣ ଏତିକି ପାଣି ଅଛି? କେନ୍ଦ୍ରୀୟ ଜଳ ଆୟୋଗ ୨୦୧୨ ମସିହାରେ ପ୍ରକାଶ କରିଥିବା 'ଇଣ୍ଟିଗ୍ରେଟେଡ୍ ହାଇଡ୍ରୋଲୋଜିକାଲ ଡାଟା ବୁକ୍' ଅନୁସାରେ ସମୁଦାୟ ମହାନଦୀ ଅବବାହିକାର ହାରାହାରି ବାର୍ଷିକ ଜଳସମ୍ଭାବନା ହେଉଛି ୬୧, ୯୫୦ ନିଘମି ବା ୫୦.୨୨ ନିଏଫୁ। ଛତିଶଗଡ଼ରେ ମହାନଦୀର ୫୩ ଭାଗ ଅଞ୍ଚଳ ଅଛି କିନ୍ତୁ ଛତିଶଗଡ଼ରେ ହାରାହାରି ବର୍ଷା ଓଡ଼ିଶା ତୁଳନାରେ ନିଶ୍ଚିତ ଭାବରେ କମ୍। ତେଣୁ ଜଳ ସମ୍ଭାବନା ଉଭୟ ରାଜ୍ୟର ପ୍ରାୟ ସମାନ। ଏହି ହିସାବରେ ଛତିଶଗଡ଼ରେ ଥିବା ସମଗ୍ର ମହାନଦୀ ଅବବାହିକାର ହାରାହାରି ବାର୍ଷିକ ଜଳ ସମ୍ଭାବନା ୨୫.୧ ନିଏଫୁ ହେବ। ଏମିତିରେ ଛତିଶଗଡ଼ କେମିତି ୨୭.୪୮ ନିଏଫୁ ପାଣି ବ୍ୟବହାର କରିବ ବୋଲି ଭାବି ବି ପାରୁଛି ?

ତତ୍କାଳୀନ ଓଡ଼ିଶା ସରକାର କହୁଥିଲେ ଯେ, ହୀରାକୁଦକୁ ଉପରମୁଣ୍ଡରୁ ପ୍ରତି ବର୍ଷ ହାରାହାରି ୧୯, ୨୩୭ ନିଘମି ବା ୧୫.୬ ନିଏଫୁ ପାଣି ଆସୁଛି। ଏତିକି ଜାଣି ମଧ୍ୟ ଓଡ଼ିଶା କହୁଥିଲା ଯେ ବିଭିନ୍ନ ବ୍ୟବହାର ପାଇଁ ତାକୁ ହୀରାକୁଦରୁ ୧୮, ୧୭୫ ନିଘମି ବା ୧୪.୭୩ ନିଏଫୁ ପାଣି ଦରକାର। ଯଦି ଏବେ ୧୫.୬ ନିଏଫୁ ପାଣି ଆସୁଛି, ଓଡ଼ିଶା କେମିତି ୧୪.୭୩ ନିଏଫୁ ବା ଆସୁଥିବା ପ୍ରାୟ ସବୁ ପାଣିକୁ ବ୍ୟବହାର କରିବ ବୋଲି ଯୋଜନା କରୁଛି? ଓଡ଼ିଶା ସରକାର ପୁଣି କହୁଥିଲେ ଯେ, ପରିବେଶ ପାଇଁ ଆହୁରି ୯, ୬୨୧ ନିଘମି ବା ୭.୮ ନିଏଫୁ ପାଣି ଦରକାର। ଛତିଶଗଡ଼ ଏବେ ପ୍ରାୟ ୮.୩ ନିଏଫୁ ପାଣି ବ୍ୟବହାର କରୁଛି।



## ଜଳ ଭାଗବଣ୍ଟା ଜଟିଳ

ଏମିତି ହିସାବ ହିଁ ବିବାଦ କରାଏ, ସମାଧାନର ବାଟ ବନ୍ଦ କରିଦିଏ। ସରକାରମାନେ ଜଳର ମାଲିକ ନୁହଁନ୍ତି, କେବଳ ତାହାର ରକ୍ଷକ। କିନ୍ତୁ କୌଣସି ସରକାର ସେହି ଦାୟିତ୍ୱ ନିର୍ବହନ କରୁନାହାନ୍ତି। ସମାଧାନ ପାଇଁ କୋର୍ଟକଚେରୀ ଟ୍ରିବ୍ୟୁନାଲ ଦରକାର ହେଉଛି। ତେବେ ଟ୍ରିବ୍ୟୁନାଲମାନ ନଦୀଜଳ ବିବାଦ ସମାଧାନ କରିବାରେ ଆଜି ଯାଏ ସଫଳ ହୋଇନାହାନ୍ତି ବୋଲି କହିଲେ କିଛି ଭୁଲ ହେବ ନାହିଁ। ମହାନଦୀ କ୍ଷେତ୍ରରେ ମଧ୍ୟ ସେହି ଆଶଙ୍କା ଅଛି। ମହାନଦୀ ସମସ୍ୟା ତ ଅନ୍ୟ ନଦୀଠାରୁ ଆହୁରି ଜଟିଳ। ହୀରାକୁଦ ଭଳି ଏକ ବିଶାଳ ନଦୀବନ୍ଧ ଛତିଶଗଡ଼ ଓ ଓଡ଼ିଶାର ସୀମାର ଠିକ୍ ତଳେ ଅଛି। ତାହା ଜଳର ଭାଗବଣ୍ଟାକୁ ନିଶ୍ଚୟ ଖୁବ୍ ଜଟିଳ କରିବ। ପୁଣି ମହାନଦୀ ଅନ୍ୟ ନଦୀଠାରୁ ଅନେକ ଭିନ୍ନ କାରଣ ଏହା ଏକ ଅତି ବନ୍ୟା ପ୍ରବଣ ନଦୀ। ଖାଲି ଭାଗବଣ୍ଟା ନୁହେଁ, ବନ୍ୟା ନିୟନ୍ତ୍ରଣ ମଧ୍ୟ ପ୍ରସଙ୍ଗ ହେବ।

ତତ୍କାଳୀନ ଓଡ଼ିଶା ସରକାର ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଛତିଶଗଡ଼ରେ ବିଭିନ୍ନ ନଦୀବନ୍ଧ ଓ ଆନିକଟ ଆଦିର ନିର୍ମାଣ ଯୋଗୁଁ ଅଣ-ମୌସୁମୀ ଋତୁରେ ଜଳ-ପ୍ରବେଶ ଭୀଷଣ କମିଛି ଏହା ନିଶ୍ଚିତ ଭାବରେ ସତ୍ୟ ଯେ ମହାନଦୀରେ ଜଳ ପ୍ରବାହ ହ୍ରାସ ହୋଇଛି। ଦିନକୁ ଦିନ ଅଧିକ ଅସମାନ ହେବାରେ ଲାଗିଛି। କିନ୍ତୁ, ଏହା ମଧ୍ୟ ସତ୍ୟ ଯେ ମହାନଦୀକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘ ଧରି ଲଢ଼େଇ ଲାଗି ରହିଛି। ଏବେ ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇଛି। ବର୍ତ୍ତମାନ ଉଭୟ ରାଜ୍ୟରେ ବିଜେପି ସରକାର। ମହାନଦୀ ଜଳ ସମସ୍ୟାର ସମାଧାନ ଦିଗରେ ଉଭୟ ରାଜ୍ୟ ସରକାର ଯତ୍ନବାନ ହେବେ ବୋଲି ଆଶା କରାଯାଉଛି। ତେବେ ଦୀର୍ଘ ଦିନ ଧରି ଲାଗି ରହିଥିବା ଏହି ସମସ୍ୟାର ସମାଧାନ ଦିଗରେ ବର୍ତ୍ତମାନର ଓଡ଼ିଶା ସରକାର କେତେ ସଫଳ ହେଉଛନ୍ତି, ତାହା ଆଗାମୀ ଭବିଷ୍ୟତ କହିବ। ■



ବ୍ୟାଙ୍କ କଲୋନି, ସାକ୍ଷୀ ପଡ଼ା, ସମ୍ବଲପୁର

ବିଜେପିର ଟ୍ରିପଲ୍ ଇଞ୍ଜିନ୍ ସରକାର

# ମହାନଦୀକୁ ମିଳିବ ତ ନ୍ୟାୟ?

ଦୀପକ ବେହେରା
ଭୁବନେଶ୍ୱର

ରାଜ୍ୟରେ ବିଜେପି ପ୍ରଥମଥର କ୍ଷମତାକୁ ଆସିବା ପରେ ମହାନଦୀ ପୁଣି ଥରେ ଚର୍ଚ୍ଚାକୁ ଫେରିଛି। ଅତୀତରେ ମହାନଦୀ ବିବାଦକୁ ନେଇ ଶାସକ ବିରୋଧୀଙ୍କ ମଧ୍ୟରେ ବେଶ୍ ଆରୋପ ପ୍ରତ୍ୟାରୋପ, କାଦୁଅ ଫିଙ୍ଗା ରାଜନୀତି ଦେଖିବାକୁ ମିଳିଛି। ରାଜନୈତିକ ଦଳ, ସାମାଜିକ ସଂଗଠନଗୁଡ଼ିକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏପଟେ ଟ୍ରିବ୍ୟୁନାଲରେ ମହାନଦୀକୁ ନେଇ ତାରିଖ ପରେ ତାରିଖ, ଶୁଣାଣି ପରେ ଶୁଣାଣି ମଧ୍ୟ ହୋଇଛି। ମାତ୍ର ମହାନଦୀର ଭାଗ୍ୟ ବଦଳି ପାରିନାହିଁ। ବିଶେଷଜ୍ଞଙ୍କ ଅନୁଯାୟୀ ମହାନଦୀକୁ ନେଇ ରାଜନୈତିକ ବାଧ୍ୟବାଧକତା ହେଉ ଅଥବା ଅନ୍ୟାନ୍ୟ କାରଣ; କେନ୍ଦ୍ର ସରକାର ଯେଉଁ ଭୂମିକା ଆପଣେଇବା କଥା, ତାହା କରିନାହାନ୍ତି। ଦୁଇ ରାଜ୍ୟର ବିବାଦକୁ ଶୀଘ୍ର ସମାଧାନ ଦିଗରେ କେନ୍ଦ୍ର ସରକାର ଆଶ୍ଚର୍ଯ୍ୟଜନକ ଭାବେ ନିରବତା ଅବଲମ୍ବନ କରିଛନ୍ତି। ବର୍ତ୍ତମାନ ଉଭୟ ଛତିଶଗଡ଼ ଓ ଓଡ଼ିଶାରେ ବିଜେପିର ସରକାର ଥିବା ବେଳେ କେନ୍ଦ୍ରରେ ମଧ୍ୟ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତୃତୀୟଥର ପାଇଁ କ୍ଷମତାକୁ ଫେରିଛି। ଅର୍ଥାତ୍ ବିଜେପିର ବର୍ତ୍ତମାନ ଟ୍ରିପଲ୍ ଇଞ୍ଜିନ୍ ସରକାର ଥିବାବେଳେ ମହାନଦୀ ବିବାଦର ସମାଧାନ ପାଇଁ ଏହାଠାରୁ ବଳି ଅନୁକୂଳ ସମୟ ଆଉ କିଛି ନାହିଁ। ଏହି ଟ୍ରିପଲ୍ ଇଞ୍ଜିନ୍ ସରକାର ବେଳେ ଯଦି ମହାନଦୀ ନ୍ୟାୟ ନପାଏ, ତାହେଲେ ଏହାଠାରୁ ଦୁର୍ଭାଗ୍ୟର କଥା ଆଉ କିଛି ହୋଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ମହାନଦୀ ଜଳ ବିବାଦ ମାମଲାରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ରାଜନୈତିକ ଦଳମାନେ ଯେତିକି ପ୍ରତିବଦ୍ଧତା ପ୍ରଦର୍ଶନ କରିବା କଥା, ତାହା କରିନାହାନ୍ତି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରନ୍ତି। ବିଶେଷକରି ଦୁଇଟି ଜାତୀୟ ଦଳ ଯଥା- ବିଜେପି ଓ କଂଗ୍ରେସ ନିଜର ଉତ୍ତରଦାୟିତ୍ୱ ତୁଲାଇବା କ୍ଷେତ୍ରରେ ସେତେଟା ଆଗ୍ରହ ପ୍ରକାଶ କରିନଥିବା ଅଭିଯୋଗ ହୋଇଆସିଛି। ମହାନଦୀ ବିବାଦ ଆରମ୍ଭ ସମୟରେ ଉଭୟ ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ଥିଲେ। ମାତ୍ର ରାଜ୍ୟ ବିଜେପି ନେତାଏ ହୁଅନ୍ତୁ କି ଦଳର ନିର୍ବାଚିତ ଜନପ୍ରତିନିଧି; ଏନେଇ ନିଜର ଶୀର୍ଷ ନେତୃତ୍ୱଙ୍କ ନିକଟରେ କେବେ ଆପତ୍ତି, ଅଭିଯୋଗ କରିଥିବାର ସେପରି ଆଖିଦୃଶିଆ ନଜିର୍ ନାହିଁ। ସେହିପରି ସଂଘୀୟ ବ୍ୟବସ୍ଥାରେ ରାଜ୍ୟ-ରାଜ୍ୟ ମଧ୍ୟରେ କୌଣସି ବିବାଦ ଉପୁଜିଲେ ଏହାର ସମାଧାନ ଦିଗରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ଭୂମିକା ରହିଥାଏ। ମାତ୍ର ଅତୀତରେ ମହାନଦୀ ବିବାଦ ଆରମ୍ଭରୁ ବର୍ତ୍ତମାନ ଯାଏଁ କେନ୍ଦ୍ର ସରକାର କେବଳ ଟାଳଟୁଳ ମନୋଭାବ ପୋଷଣ କରି ଆସିଛନ୍ତି। ଏପରିକି ରମଣ ସିଂଙ୍କ ସରକାରଠାରୁ ଛତିଶଗଡ଼ ଲଗାତାର ମହାନଦୀ ଉପରମୁଣ୍ଡରେ ବେଆଇନ ନିର୍ମାଣ କରି ଆସିଥିବା ବେଳେ କେନ୍ଦ୍ର ସରକାର କେବଳ ନିରବଦ୍ରଷ୍ଟା ସାଜିଛନ୍ତି। ମହାନଦୀ ସହ ଓଡ଼ିଶାର ୧୬ ଜିଲ୍ଲାର ୧.୫ କୋଟି ଲୋକଙ୍କ ଭାଗ୍ୟ ଯୋଡ଼ିହୋଇ ଥିବାବେଳେ କେନ୍ଦ୍ରରେ ବିଜେପି ସରକାର କେବେ ବି ଏହାକୁ ଗୁରୁତର ସହ ଗ୍ରହଣ କରିନାହାନ୍ତି। ଯାହାଫଳରେ ମହାନଦୀ ସମସ୍ୟା ଲମ୍ବି ଲମ୍ବି ଚାଲିଥିବା ବେଳେ ଓଡ଼ିଶା ଲୋକେ ଉପେକ୍ଷିତ ହୋଇ ଆସୁଛନ୍ତି। ସମାନ ଭାବେ ଭୂପେଶ ବଘେଲଙ୍କ ନେତୃତ୍ୱରେ ଛତିଶଗଡ଼ରେ କଂଗ୍ରେସ ୫ ବର୍ଷ ପାଇଁ ସରକାର ଗଠନ କରିଥିବା ବେଳେ ମହାନଦୀକୁ ନେଇ ନିଜ ସ୍ୱାର୍ଥ ଏବଂ ମନମାନିକୁ ହିଁ ପ୍ରାଥମିକତା ଦେଇଛି।



## ଜାରି ରହିଛି ଆରୋପ ପ୍ରତ୍ୟାରୋପ

ରାଜ୍ୟରେ ନୂଆ ସରକାର ଗଠନ ହେବାପରେ ମହାନଦୀକୁ ନେଇ ପୁଣିଥରେ ଆରୋପ ପ୍ରତ୍ୟାରୋପ ଦେଖାଦେଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅନୁଯାୟୀ ଦୁଇ ରାଜ୍ୟ ମଧ୍ୟରେ ଦେଖା ଦେଉଥିବା ଜଳ ବିବାଦର ସମାଧାନ ପାଇଁ ଗୁଡ଼ିଏ ଫୋରମ୍ ରହିଛି। ମହାନଦୀ ବିବାଦର ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆଲୋଚନା ଆବଶ୍ୟକତା ଥିଲା। ମାତ୍ର ୨୪ ବର୍ଷ ଧରି ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହେଲା ନାହିଁ। ରାଜ୍ୟ ସରକାର ଟ୍ରିବ୍ୟୁନାଲକୁ ସାହାଯ୍ୟ କରିନଥିବା ବେଳେ କେନ୍ଦ୍ରୀୟ ଜଳ ଆୟୋଗ ନିକଟରେ ମଧ୍ୟ ସଠିକ୍ ତଥ୍ୟ ରଖିଲେ ନାହିଁ ବୋଲି ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ଏହାସହ ବିବାଦର ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅପରପକ୍ଷେ ଏହାକୁ ନେଇ ବିଜେଡି ମଧ୍ୟ ପ୍ରତିକ୍ରିୟା ରଖିଛି। ଦଳର ଉପ ସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ମହାନଦୀ ଓଡ଼ିଶାର ୧୬ ଜିଲ୍ଲାର ଲୋକଙ୍କ ଜୀବନଧାରା। ହେଲେ ଏହା ଉପରେ ଛତିଶଗଡ଼ ମନମାନି କରିଆସୁଛି। ହୀରାକୁଦର ଉପମୁଣ୍ଡରେ ଛତିଶଗଡ଼ ସରକାର ଓ ତଳମୁଣ୍ଡରେ ଓଡ଼ିଶା କେତେ ପାଣି ବ୍ୟବହାର କରିବ, ଏନେଇ ଉଲ୍ଲେଖ ରହିଛି। ତଥାପି ଛତିଶଗଡ଼ ମହାନଦୀ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ତ କରି ବେଆଇନ ଭାବେ କାର୍ଯ୍ୟ କରିଚାଲିଛି। ଛତିଶଗଡ଼ର ବେଆଇନ୍ କାମ ବିରୋଧରେ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ଓ ସିଡବ୍ଲ୍ୟୁସିଙ୍କ ନିକଟରେ ବାରମ୍ବାର ଓଡ଼ିଶା ସରକାର ଓ ନବୀନ ପଟ୍ଟନାୟକ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ତତ୍କାଳୀନ ଜଳସଂପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୨୦୧୬ରେ ଦିଲ୍ଲୀରେ ବସିଥିବା ବୈଠକରେ ଛତିଶଗଡ଼ର ବେଆଇନ କାମକୁ ଅଟକାଇବା ପାଇଁ ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବେ ଦାବି ରଖିବା ସତ୍ତ୍ୱେ ମଧ୍ୟ କୌଣସି ନିର୍ଦ୍ଦେଶ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇନଥିଲା। ସେତେବେଳେ ଓଡ଼ିଶାର ସ୍ୱାର୍ଥକୁ ସଂପୂର୍ଣ୍ଣ ଅଣଦେଖା କରିଥିଲେ କେନ୍ଦ୍ର ସରକାର। ଛତିଶଗଡ଼ର ଅନଧିକାର ବ୍ୟାରେଜ୍ ନିର୍ମାଣ ବିରୋଧରେ ସମସ୍ତ ଫୋରମ୍‌ରେ ଆଲୋଚନା ପରେ ଯେତେବେଳେ ସୁଫଳ ମିଳିଲାନି, ସେତେବେଳେ ରାଜ୍ୟ ସରକାର ସମାଧାନ ପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ। ଟ୍ରିବ୍ୟୁନାଲ ଗଠନରେ ମଧ୍ୟ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଶେଷରେ ମହାନଦୀ ଟ୍ରିବ୍ୟୁନାଲ ଗଠନ ହେଲା। ଏଥିରେ ଓଡ଼ିଶା ପକ୍ଷରୁ ସମସ୍ତ ଦଲିଲ୍ ଉପସ୍ଥାପନ କରାଯାଇ ପକ୍ଷ ରଖାଯାଇଛି। ମହାନଦୀ ପାଇଁ ଓଡ଼ିଶା ନ୍ୟାୟିକ ଲଢ଼େଇ ଲଢ଼ିଛି, ରାଜରାସ୍ତାରେ ସଂଗ୍ରାମ କରିଛି, ଆଲୋଚନା ମଧ୍ୟରେ ସମାଧାନ ପାଇଁ ଉଦ୍ୟମ କରିଛି। ହେଲେ କେନ୍ଦ୍ର ନିରବଦ୍ରଷ୍ଟା ସାଜି ସେତେବେଳେ ଛତିଶଗଡ଼ରେ ଥିବା ବିଜେପି ସରକାରକୁ ସୁହାଇଲା ଭଳି କାର୍ଯ୍ୟ କରିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ■



ଓଡ଼ିଶାର ଜୀବନରେଖା ମହାନଦୀ ଜଳ ବିବାଦକୁ ୮ ବର୍ଷ ହୋଇଯାଇଛି । ହେଲେ ମଧ୍ୟ ସମାଧାନ ବାହାରିପାରୁ ନାହିଁ । ଦୁଇଟି ରାଜ୍ୟ ଓଡ଼ିଶା ଓ ଛତିଶଗଡ଼ ଭିତରେ ଅଧିକାରୀଙ୍କ ବାରମ୍ବାର ଆଲୋଚନା ହୋଇ ଆପୋସ ବୁଝାମଣା ବିଫଳ ହେବା ପରେ ମାମଲା ଟ୍ରିବ୍ୟୁନାଲ ପାଖରେ ପହଞ୍ଚିସାରିଛି । ୨୦୧୬ ମସିହାରେ କେନ୍ଦ୍ରରେ ବିଜେପି, ଓଡ଼ିଶାରେ ବିଜେଡ଼ି ଓ ଛତିଶଗଡ଼ରେ କଂଗ୍ରେସ ସରକାର ଥିବା ବେଳେ ଛତିଶଗଡ଼-ଓଡ଼ିଶା ମଧ୍ୟରେ ମହାନଦୀର ଜଳକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହା ମହାନଦୀ ଜଳବିବାଦ ସମାଧାନ ନ୍ୟାୟାଧିକରଣ (ଟ୍ରିବ୍ୟୁନାଲ)ରେ ବିଚାରାଧୀନ ରହିଛି । ପ୍ରାକ୍ ମୌସୁମୀ ଋତୁରେ ମହାନଦୀକୁ ଉପରମୁଣ୍ଡରୁ ଜଳପ୍ରବେଶ ଆଶାତୀତ ଭାବେ ହ୍ରାସ ପାଉଥିବା ବେଳେ ଏବେ ହୀରାକୁଦରେ ଜଳସ୍ତର ବହୁ ମାତ୍ରାରେ ହ୍ରାସ ଯାଉଛି । ଅନ୍ୟ ପକ୍ଷରେ ବର୍ଷା ଋତୁରେ ଛତିଶଗଡ଼ ଅକସ୍ମାତ୍ ଜଳନିଷ୍କାସନ କରିବାରୁ ଉପରମୁଣ୍ଡରେ ବନ୍ୟା ସ୍ଥିତି ଦେଖାଦେଉଛି । ଓଡ଼ିଶାର ନବଗଠିତ ସରକାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧୀନରେ ରହିଛି ଜଳସମ୍ପଦ ବିଭାଗ । ଏବେ କେନ୍ଦ୍ର ଓ ଛତିଶଗଡ଼ରେ ମଧ୍ୟ ବିଜେପି ସରକାର ଗଠନ ହୋଇଛି । ତେଣୁ ଏବେ ଆପୋସ ସମାଧାନ ହେବା ନେଇ ଆଶା କରାଯାଉଛି । ନ ହେଲେ ମୃତ୍ୟୁଶଯ୍ୟାରେ ମହାନଦୀ ସବୁ ଦିନ ପାଇଁ ରହିଥିବ ।



# ମୃତ୍ୟୁଶଯ୍ୟାରେ ମହାନଦୀ

**ଶୁଭାଶିଷ ପାଢ଼ୀ, ସମ୍ବଲପୁର**

## ଜଳସଂକଟ ସମ୍ଭାବନା

ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ମନମୁଖି ଭାବେ ଅନେକ ନଦୀବନ୍ଧ, ଆନିକଟ୍ ଆଦି ନିର୍ମାଣ କରିଛି । ତେବେ ଏ ସଂପର୍କରେ ଓଡ଼ିଶାକୁ ସୂଚନା ସୁଦ୍ଧା ନ ଦେବାରୁ ୨୦୧୬ ମସିହାରେ ମହାନଦୀକୁ ନେଇ ବିବାଦ ମୁଣ୍ଡ ଟେକିଥିଲା । ତତ୍କାଳୀନ ଓଡ଼ିଶା ସରକାର ୧୯ ନଭେମ୍ବର ୨୦୧୬ରେ ଏ ପ୍ରସଙ୍ଗରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରି ସମାଧାନ ପାଇଁ ଅନୁରୋଧ କରିଥିଲେ । ଏହାକୁ ନେଇ ଜଳଶକ୍ତି ମନ୍ତ୍ରଣାଳୟ ଏକ ମଧ୍ୟସ୍ଥତା କମିଟି ଗଠନ କରିଥିଲା । ଓଡ଼ିଶାର ଅଭିଯୋଗ ଅନୁସାରେ ଛତିଶଗଡ଼ ହୀରାକୁଦ ବନ୍ଧର ଉପରମୁଣ୍ଡରେ ଅନେକ ପ୍ରକଳ୍ପ ଆରମ୍ଭ କରିଛି, ଯାହା ଫଳରେ ତଳମୁଣ୍ଡରେ ଜଳପ୍ରବାହ ପ୍ରଭାବିତ ହେବାର ଆଶଙ୍କା ରହିଛି । ଓଡ଼ିଶାରେ ଦୀର୍ଘକାଳୀନ ପ୍ରବାହରେ ହୀରାକୁଦର ଉପରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ପ୍ରଭାବ ଅଣମୌସୁମୀ ଋତୁରେ ପଡ଼ିବା ସହିତ ଜଳପ୍ରବାହ କମିବା ଫଳରେ ଓଡ଼ିଶାରେ ଜଳସଂକଟ ସୃଷ୍ଟି ହେବ । ଏହା କେବଳ ହୀରାକୁଦ ବନ୍ଧ ନୁହେଁ, ଉପକୂଳ ଏବଂ ମହାନଦୀ ତ୍ରିକୋଣଭୂମି ପର୍ଯ୍ୟନ୍ତ ପ୍ରଭାବିତ କରିବ ବୋଲି ତତ୍କାଳୀନ ରାଜ୍ୟ ସରକାର ଅଭିଯୋଗ କରିଥିଲେ । ମହାନଦୀ ଓଡ଼ିଶାର ଜୀବନରେଖା, ଓଡ଼ିଶାବାସୀଙ୍କ ବୃହତ୍ ସ୍ୱାର୍ଥ ପାଇଁ ଏହି ବିବାଦ ସମାଧାନ ହେବା ଆବଶ୍ୟକ । ଏବେ କେନ୍ଦ୍ର ସମେତ ଉଭୟ ରାଜ୍ୟରେ ବିଜେପିର ସରକାର ରହିଛନ୍ତି । ତେଣୁ ଦଳର ନେତୃତ୍ୱ ଚାହିଁଲେ ଆପୋଷ ବୁଝାମଣା ମଧ୍ୟରେ ଏହାର ସମାଧାନ ହୋଇପାରନ୍ତା ବୋଲି ଆଶା ପ୍ରକାଶ ପାଇଛି ।



## ଅଣମୌସୁମୀ ସମୟରେ ସ୍ଥିତି ସଙ୍ଗୀନ

ଉପମୁଣ୍ଡରେ ବ୍ୟାରେଜ ନିର୍ମାଣ ହେବା ଫଳରେ ମନଇଚ୍ଛା ଗେଟ୍ ଖୋଲାଯାଉଛି ଓ ବନ୍ଦ ହେଉଛି । ତେଣୁ ଅଣମୌସୁମୀ ସମୟରେ ଓଡ଼ିଶାରେ ସ୍ଥିତି ସଙ୍ଗୀନ ହେବାକୁ ବସିଛି । ହୀରାକୁଦ ଜଳଭଣ୍ଡାର ୬୩୦ କ୍ୟୁସେକ୍ ଜଳସ୍ତର କ୍ଷମତା ବିଶିଷ୍ଟ ଡ୍ୟାମ୍‌ରେ ୬୦୦ କ୍ୟୁସେକ୍ ଜଳ ରହିଛି । ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ତିଲିଗି ଓ କୁଶମେଲଠାରେ ଛତିଗଡ଼ରୁ ଆସୁଥିବା ବଡ଼ କେଲୋ ନଦୀ ମହାନଦୀରେ ମିଶିଛି । ସେହିପରି ସାନ କେଲୋ ଛୁଇପାଲି ଓ କୁଶମେଲଠାରେ ମହାନଦୀରେ ମିଶି ମହାନଦୀକୁ ଚିରସ୍ରୋତା କରିବାରେ ସହାୟକ ହେଉଛି । ହେଲେ ଲାଖାଠାରେ ବଡ଼ କେଲୋରେ ଛତିଶଗଡ଼ ପ୍ରଶାସନ ଏକ ଡ୍ୟାମ୍ ନିର୍ମାଣ କରିବା ପରେ ସବୁ ପାଣିକୁ ଅଟକାଇ ରଖୁଛି । ଫଳରେ ଡ୍ୟାମ୍‌ର ତଳିଆ ଅଞ୍ଚଳକୁ ପାଣି ଆସିବା ଏକ ପ୍ରକାର ବନ୍ଦ ହୋଇଛି । ହୀରାକୁଦ ଜଳଭଣ୍ଡାରକୁ କେଲୋର ଯୋଗଦାନ ଅଣମୌସୁମୀ ସମୟରେ ଶୂନ୍ କହିଲେ ଭୁଲ୍ ହେବ ନାହିଁ ।

## ଉପରମୁଣ୍ଡରେ ଏକାଧିକ ବ୍ୟାରେଜ୍

ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ଏକାଧିକ ଡ୍ୟାମ ଓ ବ୍ୟାରେଜ ନିର୍ମାଣ ହୋଇସାରିଛି । କେବଳ ମହାନଦୀ ନୁହେଁ, ମହାନଦୀର ଶାଖା ନଦୀଗୁଡ଼ିକରେ ମଧ୍ୟ ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଛି । ବିବାଦୀୟ ସମୟରେ ମଧ୍ୟ ଗୋଟିଏ ପରେ ଗୋଟିଏ ଡ୍ୟାମ୍ ଓ ବ୍ୟାରେଜ ନିର୍ମାଣ କରି ମହାନଦୀକୁ ଶୃଙ୍ଖଳା କରି ଦେଉଛି । ମହାନଦୀର ମୁଖ୍ୟ ଧାରରେ କଲମା ବ୍ୟାରେଜ୍ ତିଆରି କରି ମହାନଦୀର ଜୀବନରେଖାକୁ ମାରି ଦେଇଛି । କଲମାଠାରେ ୬୬ଟି ଗେଟ୍ ବିଶିଷ୍ଟ ବ୍ୟାରେଜ୍ ନିର୍ମାଣ ହୋଇଛି । ଓଡ଼ିଶାକୁ ମୁନ୍ଦାଏ ବି ପାଣି ଛାଡୁନି । ଯାହା ଫଳରେ କଲମା ବ୍ୟାରେଜ୍ ଉପରମୁଣ୍ଡ ପୂର୍ଣ୍ଣଗର୍ଭା ହୋଇଥିବାବେଳେ ତଳମୁଣ୍ଡରେ କେବଳ ବାଲି ହିଁ ବାଲି । ଓଡ଼ିଶା ସୀମାନ୍ତ ଝାରସୁଗୁଡ଼ା ଜିଲ୍ଲାର ଶୁଖାସୋଢ଼ାଠାରୁ ଆରମ୍ଭ କରି ତଳକୁ ରଖେଲା ପର୍ଯ୍ୟନ୍ତ ହୀରାକୁଦ ଜଳଭଣ୍ଡାର ଶୁଷ୍କ ପ୍ରାୟ ହୋଇଛି । ଚିରସ୍ରୋତା ମହାନଦୀକୁ କଲମାଠାରେ ଅଟକାଇ ମହାନଦୀକୁ ମରୀଚିକାରେ ପରିଣତ କରିଛି ଛତିଶଗଡ଼ । କେଲୋ ଡ୍ୟାମ୍‌ରେ ୮ଟି ଗେଟ୍ ରହିଛି । ପ୍ରାୟତଃ ବର୍ଷା ଦିନକୁ ଛାଡ଼ି ଦେଲେ ଏହି କେଲୋ ଡ୍ୟାମ୍‌ରେ ଛତିଶଗଡ଼ ସବୁବେଳେ ଗେଟ୍ ପକାଇ ରଖିଥିବା ଅଭିଯୋଗ ହୋଇଛି । ମହାନଦୀ ପାଣିକୁ ଅଟକାଇ ଛତିଶଗଡ଼ ରାଜ୍ୟବାସୀଙ୍କ ରୋଜଗାରରେ ମଧ୍ୟ ପ୍ରଭାବିତ କରିଛି ।

## ଚାଷ କାର୍ଯ୍ୟ ପ୍ରଭାବିତ

ପୂର୍ବରୁ ମହାନଦୀରେ ଖରା ମାସରେ ମଧ୍ୟ ପାଣି ପ୍ରବାହିତ ହେଉଥିଲା । ହୀରାକୁଦ ଜଳଭଣ୍ଡାରକୁ ପାଣି ପ୍ରବେଶ କରୁଥିଲା । ହେଲେ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ ହେବା ଫଳରେ ପାଣି ପ୍ରବାହିତ ହେଉ ନାହିଁ । ଓଡ଼ିଶା ସୀମାରେ ଥିବା ଲଖନପୁର ବ୍ଲକ୍‌ର କନକତୋରା, ଲୁହାବଗା, ଅମ୍ବପାଲି, କୁଶମେଲ, ଗୁଡମ୍, ନନ୍ଦପାଲି ଓ ତିଲିଗି ପରି ଗାଁ ଲୋକଙ୍କ ଚାଷ କାର୍ଯ୍ୟ ପୂରା ଠପ୍ ହୋଇଯାଇଛି । ଖରାଦିନେ ବଡ଼ କେଲୋ ଜଳରେ ନିର୍ଭର କରି ପନିପରିବା ତଥା ତୈଳବୀଜ ଚାଷ କରୁଥିଲେ ଏହି ଅଞ୍ଚଳବାସୀ । ନିତ୍ୟ ବ୍ୟବହାର୍ଯ୍ୟ ସାଙ୍ଗକୁ ଏହି ନଦୀ ଜଳ ଦ୍ୱାରା ଗାଈଗୋରୁ ମଧ୍ୟ ଉପକୃତ ହେଉଥିଲେ । ତେବେ କେଲୋରେ ପାଣି ନଆସିବା ସହ ଦିନକୁ ଦିନ ପୋତି ହେବାକୁ ବସିଲାଣି । ଅନ୍ୟପଟେ ହୀରାକୁଦ ଜଳଭଣ୍ଡାରେ ଜଳ ଧାରଣା କ୍ଷମତା ହ୍ରାସ ପାଉଛି । ତେଣୁ ଜଳଭଣ୍ଡାରରୁ ହେଉଥିବା ବରଗଡ଼, ସମ୍ବଲପୁର, ସୋନପୁର ଜିଲ୍ଲାର କେତେକ ଅଞ୍ଚଳରେ ଚାଷ ପ୍ରଭାବିତ ହେଉଛି ।



## ବିଦ୍ୟୁତ୍ ଉତ୍ପାଦନ ହ୍ରାସ

ଉପରମୁଣ୍ଡରେ ଡ୍ୟାମ୍ ଓ ବ୍ୟାରେଜ ନିର୍ମାଣ ହେବା ଫଳରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଉଛି । ଏହା ପ୍ରଭାବ ବିଦ୍ୟୁତ୍ ଉତ୍ପାଦନ ଉପରେ ପଡୁଛି । ବୁର୍ଲା ଓ ଚିପିଲିମା ପାୱାର ହାଉସ୍‌ରେ ବିଦ୍ୟୁତ ଉତ୍ପାଦନ ସ୍ୱାଭାବିକ ଭାବେ ହୋଇ ପାରୁ ନାହିଁ । ମିଳିଥିବା ଏକ ରିପୋର୍ଟ ଅନୁସାରେ ବୁର୍ଲା ପାୱାର ହାଉସ୍ ୩୭.୫୪୨ ମେଗାୱାଟ୍ ଏବଂ ଚିପିଲିମା ପାୱାର ୩୧: ୯୫୮ ମେଗାୱାଟ୍‌ର ଜଳ ବିଦ୍ୟୁତ୍ ଉତ୍ପାଦନ କରିଛି । ଉଭୟ କେନ୍ଦ୍ରର ବିଜୁଳି ଉତ୍ପାଦନ ପାଖାପାଖି ସମାନ ରହିଛି । ନିୟମ ଦୃଷ୍ଟିରୁ ବିଜୁଳି ଉତ୍ପାଦନ ପରେ ବୁର୍ଲା କେନ୍ଦ୍ର ପାଇଁ ଯେତିକି ପାଣି ଆବଶ୍ୟକ, ମିଳି ପାରୁ ନାହିଁ । ଏହା ସହ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦେଖା ଦେଇଛି ।





## ପାନୀୟ ଜଳଯୋଗାଣ ପ୍ରବାହିତ



ହୀରାକୁଦ ଜଳଭଣ୍ଡାରରୁ ଝାରସୁଗୁଡ଼ା ଜିଲ୍ଲାର ୫ଟି ବ୍ଲକ୍ ଓ ୩ଟି ପୌରପରିଷଦ ପାଇଁ ହୀରକୁଦ ଜଳଭଣ୍ଡାରୁ ପାନୀୟ ଜଳ ଯୋଗାଣ ହେଉଛି । ଏଥିପାଇଁ ରାଜ୍ୟ ସରକାର ୫ ଶହ କୋଟି ଟଙ୍କା ବ୍ୟୟ କରିଛନ୍ତି । ପିଇବା ପାଣି ଯୋଗାଇବା ପାଇଁ ହୀରାକୁଦ ଜଳଭଣ୍ଡାରର ଲଖନପୁର ବ୍ଲକ୍ ଅନ୍ତର୍ଗତ ଛଡ଼ାରମାଠାରେ ଇନଟେକ୍ ୱେଲ୍ ନିର୍ମାଣ କରି ଝାରସୁଗୁଡ଼ାବାସୀଙ୍କୁ ପାନୀୟ ଜଳ ଯୋଗା ଯାଉଛି । ଅଣ-ମୌସୁମୀ ସମୟରେ ହୀରାକୁଦ ଜଳଭଣ୍ଡାରରେ ପାଣି କମିଯିବାରୁ ଏହି ବୃହତ୍ ଜଳଯୋଗାଣ ପ୍ରକଳ୍ପ ପାଇଁ ପାଣି ନାହିଁ । ଫଳରେ ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଦୁଇଦିନରେ ଥରେ ପାଣି ଛାଡୁଥିବାରୁ ଲୋକେ ଗ୍ରୀଷ୍ମ ଋତୁରେ ପିଇବା ପାଣି ପାଉନାହାନ୍ତି । କେବଳ ସେତିକି ନୁହେଁ, ଜିଲ୍ଲାରେ ୬ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ ହୀରାକୁଦ ଜଳଭଣ୍ଡାରେ ପାଣିନଥିବାରୁ ଅଚଳ ହୋଇ ପଡ଼ିରହିଛି ।

# ପ୍ରଭାବିତ ହୀରାକୁଦ ଜଳଭଣ୍ଡାର

## ମହାନଦୀରେ ଜଳ ପ୍ରବାହ ହ୍ରାସ

**ସୁବାସ ଚନ୍ଦ୍ର ପ୍ରଧାନ, ଝାରସୁଗୁଡ଼ା**



**ମହାନଦୀରେ ନିର୍ମାଣ ହୋଇଛି ହୀରାକୁଦ ବନ୍ଧ । ଏହି ବୃହତ୍ ବନ୍ଧ ନିର୍ମାଣ ଯୋଗୁଁ ଲୋକେ ନାନା ଭାବରେ ଉପକୃତ ହୋଇଛନ୍ତି । ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ, ମାଛ ଚାଷରେ ଏହି ଜଳଭଣ୍ଡାର ପ୍ରମୁଖ ଭୂମିକା ନିର୍ବାହ କରୁଛି । ତେବେ ଉପରମୁଣ୍ଡରେ ଛତିଶଗଡ଼ ବେଆଇନ ଭାବେ ବ୍ୟାରେଜ୍ ନିର୍ମାଣ ଯୋଗୁଁ ମହାନଦୀର ତଳମୁଣ୍ଡରେ ଜଳ ପ୍ରବାହ ହ୍ରାସ ପାଉଛି । ସେପଟେ ହୀରାକୁଦ ଜଳ ଭଣ୍ଡାରରୁ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଜଳଯୋଗାଣ ଯୋଗୁଁ କମୁଛି ଜଳସ୍ତର । ଫଳରେ ମାଛ ଉତ୍ପାଦନ ହ୍ରାସ ପାଇବା ସହିତ ଜଳସେଚନ ଓ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି ।**

### ପାଣି ଶୋଷୁଛି ଶିଳ୍ପ ସଂସ୍ଥା

ହୀରାକୁଦ ଜଳଭଣ୍ଡାରରୁ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥା ସହିତ କେତେକ ସହରକୁ ପାନୀୟ ଜଳ ଯୋଗାଣ କରାଯାଉଛି । ବିଭିନ୍ନ ଶିଳ୍ପ ସଂସ୍ଥାଗୁଡ଼ିକ ମାସକୁ ୬୦୪.୪୬ କ୍ୟୁସେକ୍ ପାଣିର ଆବଶ୍ୟକତା ରହିଥିବାବେଳେ ମହାନଦୀ ଉପର ମୁଣ୍ଡରୁ ଜଳ ପ୍ରବାହ କମିବା ଦ୍ୱାରା ହେଉଛି ନିଅଣ୍ଟ । ହୀରାକୁଦ ଜଳ ଭଣ୍ଡାରରୁ ସମ୍ବଲପୁର ଜିଲ୍ଲାର ୭ଟି ଶିଳ୍ପ ସଂସ୍ଥା ମଧ୍ୟରେ ଆଦିତ୍ୟ ଆଲୁମିନାକୁ ଆବଶ୍ୟକ ୫୨.୭୩୦ କ୍ୟୁସେକ୍, ଆରିୟନ ଇସ୍ପାତକୁ ଆବଶ୍ୟକ ୪.୪୧୦ କ୍ୟୁସେକ୍, ଜେଏସଡ଼ବ୍ଲୁ ଭୂଷଣ, ଠେଲକୋଲିକୁ ଅବଶ୍ୟକ ୪୫ କ୍ୟୁସେକ୍, ଦାରୁକା ଆଣ୍ଡ ସନ୍ସ ୦.୦୦୫, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରି ୨୦.୦୦୦ କ୍ୟୁସେକ୍, ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନାର୍ଜି ଲିଃ ୪.୮୩୦ କ୍ୟୁସେକ୍ ଓ ବିରାଜ ଷ୍ଟିଲ୍ ଆଣ୍ଡ ଏନାର୍ଜି ଲିଃ ୧.୫୦୦ କ୍ୟୁସେକ୍ ପାଣିର ଆବଶ୍ୟକତା ରହିଛି । ସେହିପରି ଝାରସୁଗୁଡ଼ା ଜିଲ୍ଲାର ୧୧ଟି ଶିଳ୍ପ ସଂସ୍ଥା ଜଳ ପାଣି ଆବଣ୍ଟନ କରାଯାଉଛି । ତନ୍ମଧ୍ୟରୁ ଆକ୍ସନ୍ ଇସ୍ପାତ ଆଣ୍ଡ ପାୱାର୍ ଲିଃକୁ ୧.୫୭୭ କ୍ୟୁସେକ୍ ଜଳ ଆବଣ୍ଟନ କରାଯାଇଥିବାବେଳେ ଓପିଜିସିକୁ ୫୨.୯୮୦ କ୍ୟୁସେକ୍, ଉତ୍କଳ ଏନାର୍ଜି ଲିଃକୁ ୪୨.୦୦୦ କ୍ୟୁସେକ୍, ଏମ୍ଏସ୍‌ପି ମେଟାଲିକ୍ସ ଲିଃକୁ ୪.୦୮୦ କ୍ୟୁସେକ୍, ଓଆଇପିପିକୁ ୧୫୦.୦୦୦ କ୍ୟୁସେକ୍, ସେସା ଷ୍ଟେରଲାଇଟ୍ ଲିଃ ୭୨.୦୦୦ କ୍ୟୁସେକ୍, ଏମ୍ଏମ୍‌ସି ପାୱାର୍ ଜେନେରେସନ୍ ଲିଃ ୨.୪୫୦ କ୍ୟୁସେକ, ଏସପିଏସ ଷ୍ଟିଲ୍ ଆଣ୍ଡ ପାୱାର୍ ୩.୭୩୦ କ୍ୟୁସେକ୍, ବେଦାନ୍ତ ଆଲୁମିନା ଲିଃ ୪୦.୯୦୦ କ୍ୟୁସେକ୍ ଏହା ସହିତ ଝାରସୁଗୁଡ଼ା ଦକ୍ଷିଣ ପୂର୍ବ ରେଳବାଇକୁ ୨.୪୭୦ କ୍ୟୁସେକ୍, ଏମ୍‌ସିଏଲ୍‌ର ଟାଉନସିପକୁ ୦.୨୯୦ କ୍ୟୁସେକ୍ ପାଣି ରହିଛି । ସେହିପରି ସୁନ୍ଦରଗଡ଼ ଏନଟିପିସିକୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଛଡ଼ାରମାରୁ ୯୫.୦୦୦ କ୍ୟୁସେକ ଓ ବରଗଡ଼ ଏସିସି ସିମେଣ୍ଟ ଲିଃକୁ ୧.୫୭୭ କ୍ୟୁସେକ ପାଣି ଆବଣ୍ଟନ କରାଯାଉଛି । ତେବେ ଯେତେ ପରିମାଣର ପାଣି ଏହି ସବୁ ଶିଳ୍ପ ସଂସ୍ଥାଗୁଡ଼ିକକୁ ଆବଶ୍ୟକ, ସେହି ଅନୁପାତରେ ପାଣି ହୀରାକୁଦ ଜଳଭଣ୍ଡାରରେ ନାହିଁ । ମହାନଦୀରୁ ଉପର ମୁଣ୍ଡରୁ ଜଳ ପ୍ରବାହ କମିଲେ, ହୀରାକୁଦ ଜଳଭଣ୍ଡାରର ଜଳସ୍ତର ମଧ୍ୟ ହ୍ରାସ ପାଇବାରେ ଲାଗିଛି । ତେବେ ହୀରାକୁଦ ଜଳଭଣ୍ଡାର ଜଳସ୍ତର ହ୍ରାସ ପାଇବା ଶୁଭଙ୍କର ନୁହେଁ ।





### କମୁଛି ମାଛ ଉତ୍ପାଦନ

ମହାନଦୀରେ ଥିବା ହୀରାକୁଦ ଜଳ ଭଣ୍ଡାରରେ ଏବେ ଜୈବ ବିବିଧତା ଦେଖିବାକୁ ମିଳିଛି । ଜଳ ଭଣ୍ଡାରରୁ ମାଛଧରା ପ୍ରତିଯୋଗିତା ସହିତ ବେନିୟମ ଭାବରେ ତୁଲଙ୍ଗି ଜାଲ ବ୍ୟବହାର କରିବାରୁ ଗତ ବର୍ଷ ଅଧିକ ମାତ୍ରାରେ ମାଛ ଉତ୍ପାଦନ ହୋଇଥିଲେ ମଧ୍ୟ ଅନେକ ପ୍ରଜାତିର ମାଛ ଦିନକୁ ଦିନ ବିଲୁପ୍ତ ହେବାରେ ଲାଗିଛନ୍ତି । ହୀରାକୁଦ ଜଳ ଭଣ୍ଡାରରେ ୫ ଟି ପ୍ରାଥମିକ ମତ୍ସ୍ୟ ସମବାୟ ସମିତି (ପିଏଫ୍‌ସିଏସ୍) ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲାର ଲଟିପାଲି, ଠେବରା, ଭେଜିକୁଦ, ବଡ଼ସରୁଆ, ବିରେନବନ୍ଧ, ଲଛିପାଲି, ସମ୍ବଲପୁର ଜିଲ୍ଲାର ମହମ୍ମଦପୁର, ବୁର୍ଲା ଓ ରେଙ୍ଗାଲି ବରଗଡ଼ ଜିଲ୍ଲାର ତାମଦେଇ ଓ ମୁଖ୍ୟ ଡ୍ୟାମ୍ ଇଲାକା ରହିଛି । ଝାରସୁଗୁଡ଼ା ଜିଲ୍ଲାର ଦୁଇ ବଡ଼ ମତ୍ସ୍ୟ ସମବାୟ ସମିତିକୁ ଯଦି ନିଆଯାଏ ତେବେ ଲଛିପାଲି ପିଏଫସିଏସରେ ୬୬୭ ଜଣ ମତ୍ସ୍ୟଜୀବୀ ରହିଛନ୍ତି । ସେହିପରି ଠେବେରା ସମବାୟ ସମିତିରେ ୭୯୧ ମତ୍ସ୍ୟଜୀବୀ ରହିଛିନ୍ତି । ଅନ୍ୟ ସମବାୟ ସମିତିଗୁଡ଼ିକରେ ମତ୍ସଜୀବୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ରହିଛି । ଚଳିତ ବର୍ଷ ମାଛ ଉତ୍ପାଦନରେ ଏହି ଦୁଇ ସୋସାଇଟି ରେକର୍ଡ ସଂଖ୍ୟକ ରାଜସ୍ୱ ହାସଲ କରିଥିବା ଜଣାପଡ଼ିଛି । କେଇ ବର୍ଷର ମାଛ ଉତ୍ପାଦନ ଦେଖାଯାଏ, ତେବେ ଝାରସୁଗୁଡ଼ା ଜିଲ୍ଲାର ଦୁଇ ସୋସାଇଟି ହୀରାକୁଦ ଜଳ ଭଣ୍ଡାରରୁ ୨୦୨୦-୨୧ ବର୍ଷରେ ୧୦.୬୧ ମାଟ୍ରିକ ଟନ ମତ୍ସ୍ୟ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୨ ମସିହାରେ ୯.୯୧ ମାଟ୍ରିକ୍ ଟନ୍, ୨୦୨୨-୨୩ରେ ୯.୯୮ ମାଟ୍ରିକ୍ ଟନ୍ ଓ ୨୦୨୩-୨୪ ବର୍ଷରେ ୧୦.୧୨ ମାଟ୍ରିକ୍ ଟନ୍ ମାଛ ଉତ୍ପାଦନ ହୋଇଛି । ଯଦି ୨୦୨୧-୨୨ ମାଛ ଉତ୍ପାଦନକୁ ବିଚାରରେ ନିଆଯାଏ, ତେବେ ୨୦୨୩-୨୪ରେ ମାଛ ଉତ୍ପାଦନ କମିବାରେ ଲାଗିଛି । ■







# ବିପଦରେ ମହାନଦୀ

ଦିବ୍ୟ ରଞ୍ଜନ ପଟ୍ଟନାୟକ, ବୌଦ୍ଧ

**ମନୁଷ୍ୟ ବଞ୍ଚି ରହିବା ପାଇଁ ଜଳ ନିହାତି ଆବଶ୍ୟକ। ତେଣୁ ସିନ୍ଧୁ, ମେସୋପଟାମିଆ ଭଳି ପ୍ରାଚୀନ ମାନବ ସଭ୍ୟତା ନଦୀ କୂଳରେ ଗଢ଼ି ଉଠିଥିଲା। କୃଷି, ପଶୁପାଳନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟ ପାଇଁ ଆବଶ୍ୟକ ମଧୁର ଜଳ ନଦୀରୁ ଉପଲବ୍ଧ ହୋଇଥାଏ। ତେଣୁ ନଦୀକୂଳରେ ହିଁ ମାନବ ସଭ୍ୟତା ଗଢ଼ି ଉଠୁଥିଲା। ଏହି କ୍ରମରେ ଓଡ଼ିଶାର ବଡ଼ ନଦୀ ମହାନଦୀ କୂଳରେ ମଧ୍ୟ ଅନେକ ଜନବସତି ସ୍ଥାପିତ ହୋଇଥିଲା। ତେବେ ବର୍ତ୍ତମାନ ବିଭିନ୍ନ କାରଣରୁ ମହାନଦୀରୁ ଜଳ ପ୍ରବାହ କମିବାରେ ଲାଗିଛି। ତେଣୁ ମହାନଦୀ କୂଳରେ ଗଢ଼ିଉଠିଥିବା ସହରର ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି। ମହାନଦୀରେ ଜଳ ପ୍ରବାହ ହ୍ରାସ ପାଇଲେ ବୌଦ୍ଧ ସହର ମଧ୍ୟ ପ୍ରଭାବିତ ହୋଇଥାଏ।**

## ଓଡ଼ିଶାର ଜୀବନରେଖା

ମହାନଦୀ ଛତିଶଗଡ଼ ରାଜ୍ୟର ବସ୍ତର ମାଳଭୂମି ସ୍ଥିତ ଅମରକଣ୍ଟକ ପର୍ବତରୁ ବାହାରି ଛତିଶଗଡ଼ ଏବଂ ଓଡ଼ିଶାରେ ୮୫୧ କିଲୋମିଟର ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶିଛି। ମହାନଦୀ ଛତିଶଗଡ଼ରେ ୩୫୭ କିଲୋମିଟର ଏବଂ ଓଡ଼ିଶାରେ ୪୯୪ କିଲୋମିଟର ପ୍ରବାହିତ ହେଉଛି। ଓଡ଼ିଶାର ୪୯୪ କିଲୋମିଟର ମଧ୍ୟରୁ ବୌଦ୍ଧ ଜିଲ୍ଲାର ଉତ୍ତର ସୀମାରେ ମନମୁଣ୍ଡାଠାରୁ ମଣିଭଦ୍ରା ମଧ୍ୟରେ ପ୍ରାୟ ୧୦୦ କିଲୋମିଟର ମହାନଦୀ ପ୍ରବାହିତ ହେଉଛି, ଯାହାକି ଓଡ଼ିଶାରେ ମହାନଦୀ ଦୈର୍ଘ୍ୟର ପ୍ରାୟ ୨୦ ପ୍ରତିଶତ ଅଟେ। ବିଂଶ ଶତାବ୍ଦୀର ଅଷ୍ଟମ ଦଶନ୍ଧି ପର୍ଯ୍ୟନ୍ତ ମହାନଦୀକୁ ବ୍ୟବସାୟିକ ଜଳପଥ ଭାବେ ବ୍ୟବହାର କରାଯାଉଥିଲା। କଟକ, ବଡ଼ମ୍ବା, ନରସିଂହପୁର ଅଞ୍ଚଳରୁ ନୌକା ସାହାଯ୍ୟରେ ବ୍ୟବସାୟୀମାନେ ବୌଦ୍ଧକୁ ଆସି ସେମାନଙ୍କ ଦ୍ରବ୍ୟ ବିକ୍ରୟ କରିବା ସହ ଏଠାରୁ ବିଭିନ୍ନ କୃଷିଜାତ ଦ୍ରବ୍ୟ କ୍ରୟ କରି ତାଙ୍କ ଅଞ୍ଚଳକୁ ନେଉଥିଲେ। କୃଷି, ବାଣିଜ୍ୟ, ଗମନାଗମନ, ପାନୀୟ ଜଳ, ଜଳ ବିଦ୍ୟୁତ୍ ପାଇଁ ଓଡ଼ିଶାକୁ ମହାନଦୀର ଯଥେଷ୍ଟ ଅବଦାନ ଥିବାରୁ ମହାନଦୀକୁ ଓଡ଼ିଶାର ଜୀବନରେଖା କୁହାଯାଏ।

## ଶୁଷ୍କ ମହାନଦୀ


ପ୍ରାୟ ୪ ଦଶନ୍ଧି ହେଲାଣି ବର୍ଷା ଋତୁ ବ୍ୟତୀତ ଅନ୍ୟ ସମୟରେ ମହାନଦୀ ପ୍ରାୟତଃ ଶୁଷ୍କ ରହୁଛି। ଗ୍ରୀଷ୍ମ ଋତୁରେ କେବଳ ଏକ କ୍ଷୀଣ ଜଳଧାର ପ୍ରବାହିତ ହେଉଛି। କେନ୍ଦ୍ରୀୟ ଜଳ ଆୟୋଗଙ୍କ ତଥ୍ୟ ଅନୁସାରେ ବୌଦ୍ଧଠାରେ ମହାନଦୀରେ ଗତ ବର୍ଷା ଋତୁରେ ସର୍ବାଧିକ ୧୯୧୦୦ ଘନ ମିଟର ଜଳ ପ୍ରତି ସେକେଣ୍ଡ ପ୍ରବାହିତ ହୋଇଥିବା ବେଳେ ଚଳିତ ଗ୍ରୀଷ୍ମରେ ମାତ୍ର ୧୨୭ ଘନ ମିଟର ଜଳ ପ୍ରତି ସେକେଣ୍ଡ ପ୍ରବାହିତ ହୋଇଛି। ବୌଦ୍ଧରେ ପ୍ରାୟ ୨ କିଲୋମିଟର ପ୍ରସ୍ଥ ବିଶିଷ୍ଟ ମହାନଦୀରେ ମାତ୍ର ୧୨୭ ଘନ ମିଟର ଜଳ ପ୍ରବାହିତ ହେବା ସମୁଦ୍ରକୁ ଶଙ୍ଖେ ସଦୃଶ। ତେବେ ଏଭଳି ଅବସ୍ଥା ପାଇଁ ହୀରାକୁଦ ଉପର ମୁଣ୍ଡରେ ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀରେ ନିର୍ମିତ ହୋଇଥିବା ଏକାଧିକ ଜଳଭଣ୍ଡାର ଦାୟୀ ବୋଲି କୁହାଯାଉଛି।

## ଜୀବନଜୀବିକା ପ୍ରଭାବିତ

ଶୁଷ୍କ ମହାନଦୀ ଯୋଗୁଁ ବୌଦ୍ଧ ଜିଲ୍ଲାର କୃଷି, ତାପମାତ୍ରା, ପାନୀୟ ଜଳ ଯୋଗାଣ, ଜୀବନ ଜୀବିକା ଗଭୀର ଭାବରେ ପ୍ରଭାବିତ ହେଉଛି। ବୌଦ୍ଧ ଜିଲ୍ଲାର ମହାନଦୀ ଉପରେ ନିର୍ଭରଶୀଳ କୃଷି କଥା ବିଚାରକୁ ନେଲେ ମହାନଦୀରେ ୨୩୮ଟି ଉଠା ଜଳସେଚନ ପ୍ରକଳ୍ପ ରହିଥିବା ବେଳେ, ସେଥିମଧ୍ୟରୁ ୨୨୭ଟି କାର୍ଯ୍ୟକ୍ଷମ ରହିଛି। ଏ ସମସ୍ତ ପ୍ରକଳ୍ପରୁ ସରକାରୀ ଭାବେ ରବି ଋତୁରେ ମାତ୍ର ୩୪୮ ହେକ୍ଟର ଜମିକୁ ଜଳସେଚନ କରାଯାଇ ପାରୁଛି। ହାରାହାରି ଗୋଟେ ପ୍ରକଳ୍ପରୁ ମାତ୍ର ଦେଢ଼ ହେକ୍ଟର ଜମି ଜଳସେଚିତ ହୋଇପାରୁଛି। ତେବେ ସରକାରୀ ତଥ୍ୟଠାରୁ ପ୍ରକୃତ ତଥ୍ୟ ସମ୍ପୂର୍ଣ୍ଣ ଅଲଗା। ମହାନଦୀର କ୍ଷୀଣ ଜଳଧାର ଯୋଗୁଁ ଗ୍ରୀଷ୍ମରେ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇପଡ଼େ। କୃଷି ପାଇଁ ଜଳାଭାବ ଯୋଗୁଁ ଅନେକ ସମୟରେ ଚାଷୀ ଆନ୍ଦୋଳନ ହୋଇଥିବାର ଦୃଷ୍ଟାନ୍ତ ରହିଛି। ସେହିପରି ଜିଲ୍ଲାର ଉତ୍ତର ଦିଗରେ ପ୍ରାୟ ଦୁଇ କିଲୋମିଟର ଚଉଡ଼ାରେ ବ୍ୟାପୀ ଥିବା ମହାନଦୀ ଗ୍ରୀଷ୍ମ ଋତୁରେ ଶୁଷ୍କ ହୋଇ ଯାଉଛି। ଖରାଦିନେ ମହାନଦୀରେ କ୍ଷୀଣ ଜଳ ସ୍ରୋତ ଯୋଗୁଁ ନଈର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା କ୍ଷୁଦ୍ର ମରୁଭୂମିର ଭ୍ରମ ସୃଷ୍ଟି କରୁଆସୁଛି। ବାଲିର ତାପଧାରଣ କ୍ଷମତା ଅଧିକ, ତେଣୁ ବଢୁଛି ତାପମାତ୍ରା। ମହାନଦୀର ପଥର ଶଯ୍ୟା ଯୋଗୁଁ ମଧ୍ୟ ତାପମାତ୍ରା ବଢୁଛି। ଏହାର ବିସ୍ତୀର୍ଣ୍ଣ ଶୁଷ୍କ ବାଲୁକା ରାଶି ଓ ପଥର ସଜ୍ଜାର ତାପ ବିକିରଣ ସହରକୁ ଅତ୍ୟଧିକ ଉତ୍ତପ୍ତ କରୁଛି। ଫଳରେ ଅନେକ ସମୟରେ ବୌଦ୍ଧ ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ଭାବେ ପରିଗଣିତ ହେଉଛି। ବୌଦ୍ଧ ସହର ସମେତ ନଦୀକୂଳିଆ ଗାଁଗୁଡ଼ିକକୁ ମହାନଦୀରୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଥିବା ବେଳେ ଗ୍ରୀଷ୍ମରେ ଅନେକ ଗ୍ରାମରେ ଜଳକଷ୍ଟ ଅନୁଭୂତ ହେଉଛି। ମତ୍ସ୍ୟଜୀବୀମାନଙ୍କ ଜୀବିକା ମଧ୍ୟ ଶୁଷ୍କ ମହାନଦୀ ଯୋଗୁଁ ବିଶେଷ ଭାବେ ପ୍ରଭାବିତ ହେଉଛି।

ଦୀର୍ଘ ଦିନ ହେଲା ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ଜଳ ବିବାଦ ଲାଗି ରହିଛି। ରାଜନୈତିକ ଆରୋପ ପ୍ରତ୍ୟାରୋପ, କେନ୍ଦ୍ର ରାଜ୍ୟ ମଧ୍ୟରେ ଟଣାଓଟରା, ନ୍ୟାୟିକ ପ୍ରକ୍ରିୟା ମଧ୍ୟରେ ଝୁଲି ରହିଛି ମହାନଦୀ ଜଳ ବିବାଦ। ତେବେ ଏ ସମସ୍ୟାର ସମାଧାନ ନେଇ କୌଣସି ନିଷ୍କର୍ଷରେ ନ ପହଞ୍ଚି ପାରିଲେ, ଏହା ନିଃସନ୍ଦେହ ଯେ ମୌସୁମୀ ବ୍ୟତୀତ ଅନ୍ୟ ସମୟରେ ମହାନଦୀ ଏକ ମୃତ ନଦୀରେ ପରିଣତ ହୋଇଯିବ। ■







# ମହାନଦୀ ଜଳ ପ୍ରବାହ ହ୍ରାସ

ଧରଣୀଧର ମିଶ୍ର ,ସୋନପୁର

**ଓଡ଼ିଶାର ବିଭିନ୍ନ ଜିଲ୍ଲା ଦେଇ ପ୍ରବାହିତ ହେଉଛି ମହାନଦୀ । ତେବେ ସୋନପୁରରେ ମହାନଦୀର ଆକର୍ଷଣ ଅନନ୍ୟ । ଏଠାରେ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଆନମନା କରିଦିଏ । ମହାନଦୀ କୂଳରେ ରହିଛି ଅନେକ ମନ୍ଦିର । ପୁଣି ମହାନଦୀ ଗଣ୍ଡରେ ପୂଜା ପାଉଛନ୍ତି ମା’ ଲଙ୍କେଶ୍ୱରୀ । ତେବେ ବର୍ଷର ଅନେକ ସମୟରେ ଶୀତଳତା ପ୍ରଦାନ କରୁଥିବା ମହାନଦୀ ଗ୍ରୀଷ୍ମ ଋତୁରେ ସୋନପୁରବାସୀଙ୍କ ପାଇଁ କାଳ ସାଜିଥାଏ । ବିଭିନ୍ନ ସ୍ଥାନରେ ବାଲିରେ ପୋତି ହୋଇଯାଏ ନଦୀ ଶଯ୍ୟା । ଶୁଖିଯାଏ ମହାନଦୀର ସ୍ରୋତ । ଫଳରେ ମହାନଦୀ ନିର୍ଭର କରୁଥିବା ସୋନପୁରବାସୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।**

## କୈବର୍ତ୍ତଙ୍କ ମା’ ମହାନଦୀ

ଶୀତ ଋତୁ ସୁବର୍ଣ୍ଣପୁର ଜିଲ୍ଲା ପାଇଁ ବରଦାନ ସାଜେ। ଶୀତ ଯେତିକି ବଢ଼େ ସୁବର୍ଣ୍ଣପୁରରେ ପର୍ଯ୍ୟଟକଙ୍କ ସେତିକି ଭିଡ଼ ଜମେ। ତେବେ ମହାନଦୀ ଜିଲ୍ଲାର ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ଶୀତ ଋତୁରେ ଦେଶବିଦେଶର ପର୍ଯ୍ୟଟକଙ୍କୁ ମହାନଦୀ ଆକୃଷ୍ଟ କରି ଆଣେ। ତେବେ ଶୀତ ଦିନରେ ଦେଶୀ ଡଙ୍ଗାରେ ବୁଲିବାର ମଜା ଟିକେ ନିଆରା। ମହାନଦୀ କୂଳରେ ଗଢ଼ି ଉଠିଥିବା ବହୁ ପ୍ରାଚୀନ ମନ୍ଦିର ଆମ ସଂସ୍କୃତି ଓ ପରମ୍ପରାର ନିଦର୍ଶନ। ମହାନଦୀ କୂଳରେ ଶତାଧିକ ବର୍ଷ ହେଲା ହଜାର ହଜାର କୈବର୍ତ୍ତ ପରିବାର ବାସ କରି ଆସୁଛନ୍ତି। ଏହି କୈବର୍ତ୍ତମାନେ ମହାନଦୀକୁ କେବଳ ଯେ ଏକ ନଦୀ ବୋଲି କେବେ ଭାବନ୍ତି ନାହିଁ। ମହାନଦୀକୁ କୈବର୍ତ୍ତ ବା କେଉଟମାନେ ମା’ ବୋଲି ଭାବନ୍ତି। କାରଣ କୈବର୍ତ୍ତମାନଙ୍କୁ ମହାନଦୀ ଜୀବନଜୀବିକାର ରାହା ଯୋଗାଇ ଥାଏ। ଶୀତ ଋତୁରେ ଆସୁଥିବା ପର୍ଯ୍ୟଟକଙ୍କୁ ନୌବିହାର କରାଇ ଭଲ ରୋଜଗାର କରନ୍ତି କୈବର୍ତ୍ତମାନେ।



## ଗ୍ରୀଷ୍ମ ଋତୁରେ ଶୁଖିଲା ନଦୀ

ସୋନପୁର ପାଇଁ ବରଦାନ ପାଲଟିଥିବା ମହାନଦୀ ଗ୍ରୀଷ୍ମ ଋତୁରେ ଚିନ୍ତା ବଢ଼ାଇଥାଏ। ମହାନଦୀର ଯେଉଁ ଆଡ଼େ ଆଖି ପକାଇଲେ ଦେଖାଯାଏ ବିସ୍ତୀର୍ଣ୍ଣ ବାଲୁକା ରାଶି। ବାଲିରେ ପୋତି ହୋଇ ଯାଏ ନଦୀ ଶଯ୍ୟା। ଗ୍ରୀଷ୍ମ ଋତୁରେ ସୋନପୁରରେ ମହାନଦୀର ଏମିତି ଅବସ୍ଥା। ଜୁନ୍ ମାସରେ ଶୁଖିଯାଏ ମହାନଦୀର ସ୍ରୋତ। ପୂର୍ବରୁ ଲୋକେ ଗାଧୋଉଥିବା ସ୍ଥାନରେ ପାଣି ରୁହେ ନାହିଁ। ସ୍ରୋତ ଶୁଖି ମହାନଦୀର ବିଭିନ୍ନ ଘାଟରେ ପୋତି ହୋଇଗଲାଣି ବାଲି। ସୋନପୁର ବାସିନ୍ଦା ସଦାଶିବ ମଲ୍ଲିକ କହନ୍ତି “ମହାନଦୀକୁ ଗାଧୋଇବାକୁ ଗଲେ କେବେ ବାଲିରେ ଚାଲିବାକୁ ପଡୁ ନଥିଲା। କିନ୍ତୁ ଗତକିଛି ବର୍ଷ ହେଲା ମହାନଦୀରେ ଗାଧୋଇବା କଷ୍ଟକର ହୋଇଯାଉଛି। ମହାନଦୀରେ ପାଣି କମି ଚାଲିଥାଏ। କଲେଜ ଘାଟ, ସ୍ପିନିଂ ମିଲ୍ ଆଦି ବିଭିନ୍ନ ଘାଟରେ ଶୁଖି ଯାଏ ସ୍ରୋତ। ହିକୁଡ଼ି ପଟରେ ବି ଆଉ ପାଣି ନଥାଏ।”


ମହାନଦୀର ଉଭୟ ପାର୍ଶ୍ୱ ସୋନପୁର ଏବଂ ହିକୁଡ଼ି ପଟରେ କେବଳ ଦୁଇଟି ଛୋଟ ଧାର ବୋହିଥାଏ। ପାଣି ବିନା ଓଡ଼ିଶାର ବୃହତ୍ତମ ନଦୀ ମହାନଦୀ, ନଦୀ ଭଳି ଦେଖା ଯାଏନାହିଁ। ନଦୀର ଉଭୟ ପାର୍ଶ୍ୱର ଦୁଇଟି ଧାରକୁ ଦେଖିଲେ ଦୁଇଟି ଜୋର୍ ବା ନାଳ ଭଳି ଲାଗେ। ଦୀର୍ଘ ଦିନ ଧରି ଏଭଳି ପରିସ୍ଥିତି ଲାଗି ରୁହେ,ତେବେ ମହାନଦୀରେ ଉତ୍କଟ ଜଳ ସମସ୍ୟା ଦେଖା ଦେବାର ଆଶଙ୍କା ରହିଛି। ସୋନପୁରର ମତ୍ସ୍ୟଜୀବୀ ଚନ୍ଦ୍ର ନାଏକ କହନ୍ତି “ଯେଉଁ ସ୍ରୋତରେ ଦିନେ ବିନା ସମସ୍ୟାରେ ଡଙ୍ଗା ନେବାଆଣିବା କରି ହେଉଥିଲା , ଖରାଦିନରେ ପାଣି ଅଭାବରୁ ଡଙ୍ଗା ମଧ୍ୟ ଯିବା ସମ୍ଭବ ନୁହେଁ। ମହାନଦୀର ଜଳ ସମସ୍ୟା ନେଇ ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜୀବୀ। “ଆମେ ପିଲାବେଳୁ ଦେଖି ଆସୁଥିବା ମହାନଦୀର ଏଭଳି ଅବସ୍ଥା କେବେ ହୋଇ ନଥିଲା। ମହାନଦୀରେ ଜଳଧାରଣ ସମସ୍ୟା ବୃଦ୍ଧି ପାଇଁ ଏକ ଦୀର୍ଘ ମିଆଦୀ ଯୋଜନାର ଆବଶ୍ୟକତା ଅଛି” ବୋଲି କହନ୍ତି ପରିବେଶବିତ୍ ଶ୍ୟାମାଓଁ ପ୍ରସାଦ ମିଶ୍ର। ତେବେ ବିନା ବିସ୍ଥାପନରେ ଛୋଟ ଛୋଟ ଆନିକଟ କରି ଶୁଷ୍କ ହେବାକୁ ବସୁଥିବା ମହାନଦୀକୁ ବଞ୍ଚାଇ ହେବ ବୋଲି ସେ କହନ୍ତି।

ସୋନପୁରର ଜନଜୀବନ ସହ ଓତପ୍ରୋତ ଭାବେ ଜଡ଼ିତ ମହାନଦୀ। ତେବେ ମହାନଦୀର ଏଭଳି ଶୁଷ୍କ ଅବସ୍ଥା ଦେଖି ମନକୁ ପ୍ରଶ୍ନ ଆସେ ଇତିହାସ ପୃଷ୍ଠାରେ ଦିନେ ରହିଯିବନି ତ ଏହି ବିଶାଳ ନଦୀ। ■

## ଜୀବିକା ଯୋଗାଉଛି ମହାନଦୀ

ମହାନଦୀ ସୁବର୍ଣ୍ଣପୁର ଜିଲ୍ଲାରେ ବିସ୍ତୀର୍ଣ୍ଣ ହ୍ରଦ ଭଳି ଦେଖାଯାଏ। ସୋନପୁର ମହାନଦୀକୁ ଦେଶ ବିଦେଶର ପକ୍ଷୀ ଆସି ଏହାର ଶୋଭା ବୃଦ୍ଧି କରୁଛନ୍ତି। ମହାନଦୀରେ ବିଦେଶାଗତ ପକ୍ଷୀଙ୍କ ବିଚରଣ ଅନୁଧ୍ୟାନ କରିବା ରାଜ୍ୟ ତଥା ରାଜ୍ୟ ବାହାର ବହୁ ପକ୍ଷୀ ପ୍ରେମୀ ସୋନପୁରକୁ ଛୁଟି ଆସନ୍ତି। ସ୍ଥାନୀୟ ନାବିକମାନେ ଏହି ପର୍ଯ୍ୟଟକଙ୍କୁ ମହାନଦୀରେ ବିଭିନ୍ନ ସ୍ଥାନ ବୁଲାଇଥାନ୍ତି। ସେହିଭଳି ମହାନଦୀର ବିଭିନ୍ନ ଟାପୁରେ ଭୋଜି କରିବା ପାଇଁ ଜିଲ୍ଲା ତଥା ନିକଟସ୍ଥ ଜିଲ୍ଲାଗୁଡ଼ିକରୁ ବହୁ ପିକନିକ୍ ଦଳ ଶୀତ ଋତୁରେ ସୋନପୁର ଆସିଥାନ୍ତି। ଏହି ପିକ୍‌ନିକ ଦଳ ଏବଂ ପର୍ଯ୍ୟଟକଙ୍କ ଦ୍ୱାରା କେବଳ ଯେ ନାବିକମାନେ ଅର୍ଥ ରୋଜଗାର କରିଥାନ୍ତି ତାହା ନୁହେଁ, ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ବେଶ୍ ଲାଭବାନ ହୋଇଥାନ୍ତି। ମହାନଦୀ କୂଳରେ ଥିବା ରାମେଶ୍ୱର, ପାପକ୍ଷୟ ତଥା ନଦୀ ଭିତରେ ପୂଜା ପାଉଥିବା ଲଙ୍କେଶ୍ୱରୀ ମନ୍ଦିର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। ତେବେ ରାମେଶ୍ୱର ତ୍ରିବେଣୀ ସଙ୍ଗମରେ ଏକ ଇକୋ ରିଟ୍ରିଟ୍ ଆୟୋଜନ ପାଇଁ ବହୁ ଦିନ ହେଲା ଦାବି ହୋଇ ଆସୁଛି। ଏହା ହେଲେ ପର୍ଯ୍ୟଟନ କ୍ଷେତ୍ରରେ ଏହି ପୁରାତନ ସହର ଆହୁରି ବିକଶିତ ହେବ।








# ନୀତି ଅନୀତି ରାଜନୀତି

ଶ୍ରୀବିଦୁର




## ଶରତ ଦେଖିବ ନାହିଁ ହାତ ମଠ!

ଟାଣ ଖରାରେ ନିର୍ବାଚନ ସରିଗଲା; ମୌସୁମୀ ଆସିଥିଲେ ବି ବର୍ଷା ପୂରା ବର୍ଷିନାହିଁ । ବର୍ଷାନ୍ତେ ଶରତ ଋତୁ ଆସିବା କଥା; ହେଲେ ମାଷ୍ଟରକ୍ୟାଣ୍ଟିନ ହାତ ମଠରେ କୁଆଡ଼େ ଆଉ ଶରତ ଆସିବ ନାହିଁ ବୋଲି ଦଳର ନେତାମାନେ ଚର୍ଚ୍ଚା କରୁଛନ୍ତି । ରାଜ୍ୟ ନିର୍ବାଚନରେ ହାତ ଦଳର ବିଧାନସଭା ଆସନ ବଢ଼ିଥିଲେ ହେଁ; ଭୋଟ ହାର ହ୍ରାସ ଓ ଫିକ୍ସି ଯୋଗୁଁ କିଛି ଆସନ ହରାଇବା ଘଟଣାରେ ବିବାଦ ଘେରରେ ପଡ଼ିଛନ୍ତି ମଠ ମହନ୍ତ ଶରତ । ଭୋଟ ସରୁସରୁ ଦଳର ଜଣେ ଟାଣୁଆ ସଦସ୍ୟ ମାନସ ଚୌଧୁରୀଙ୍କ ବହିଷ୍କାର, ଦଳର କିଛି ଯୁବ ସଦସ୍ୟଙ୍କ ଦ୍ୱାରା ସ୍ୟାହି ସ୍ନାନ, ଅଧ ଡ଼ଜନେ ଦଳୀୟ କର୍ମୀଙ୍କୁ ନିଷ୍କାସନ, ମଠ ସମ୍ମୁଖରେ ଜଣେ ମହିଳା କର୍ମୀଙ୍କ ଧାରଣା ଆଦି ଘଟଣା ଦଳ ମୁଖିଆଙ୍କ ପାରିବାର ପଣିଆ ଉପରେ ଆଙ୍କିଛି ପ୍ରଶ୍ନ ଚିହ୍ନ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଧାନସଭାରେ ହାତ ପାର୍ଟି ବିଧାୟକ ଦଳ ନିର୍ବାଚନକୁ ନେଇ ଯେଉଁ ପ୍ରକାର ପରିସ୍ଥିତି ସୃଷ୍ଟି ହୋଇଛି ସେଥିରେ ଖାଲି ଦଳର କର୍ମୀ ନୁହନ୍ତି, ସାଧାରଣ ଲୋକ ବି ରାଜ୍ୟ କଂଗ୍ରେସ ନେତୃତ୍ୱ ଉପରେ ଖପ୍ପା । ସାରା ଦେଶରେ ହାତ ପାର୍ଟିର ଉତ୍‌ଥାନ ହେଉଛି । ମାତ୍ର ଓଡ଼ିଶାରେ ଦଳର ଭୋଟ ହାର କମି କମି ଚାଲିଛି । ଯେଉଁମାନେ ନିର୍ବାଚନରେ ଜିଣିଛନ୍ତି, ସେଥିରେ ଦଳ କି ଦଳ ମୁଖିଆଙ୍କର କୌଣସି ଯୋଗଦାନ ନ ଥିବା କୁହାଯାଉଛି । ଅନୁରୂପ ଭାବରେ ନିର୍ବାଚନରେ ପରାଜିତ ହେବା ପରେ ଅନ୍ୟମାନଙ୍କ ବିଫଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାର ଅଧିକାର ରାଜ୍ୟ ମୁଖିଆ ବି ହରାଇ ସାରିଛନ୍ତି । ସାଗର ଦାସଙ୍କ ପରି ଯୁବ ନେତା, ଅଶୋକ ଦାସଙ୍କ ପରି ଉପକୂଳିଆ ଯଦି ସେମାନଙ୍କର ଟାଣୁଆ ପ୍ରତିପକ୍ଷଙ୍କୁ ପରାଜିତ କରି ବିଧାନସଭାକୁ ଆସି ପାରିଲେ, ରାଜ୍ୟ ମୁଖିଆ କାହିଁକି ଜିତି ପାରିଲେ ନାହିଁ? ସ୍ୱାଭାବିକ ଭାବରେ ଅନ୍ୟ ନେତାମାନେ ଏଥିପାଇଁ ଶରତଙ୍କ ପାରିବା ପଣିଆକୁ କାଠଗଡ଼ାରେ ଠିଆ କରିଛନ୍ତି । ଦଳର କିଛି ନେତା ତ ସିଧାସଳଖ ଶରତ ଇସ୍ତଫା ଦେବା ଆବଶ୍ୟକ ବୋଲି କହିବା ଆରମ୍ଭ କରିଛନ୍ତି । ଏପରି ଅବସ୍ଥାରେ ବର୍ଷା ପରେ ହାତ ମଠରେ ଆଉ ଶରତ ଲେଉଟାଣି ହେବ ତ? ■



## ସମୀରଙ୍କ ଲାଗି ଚୌକି ଖୋଜା

ରାଜ୍ୟରେ ସରକାର ଗଢ଼ିବା ପରେ ପଦ୍ମ ଦଳ ହାତରେ ଏବେ ପୁଞ୍ଜାପୁଞ୍ଜା ପଦ । ଯୋଜନା ବୋର୍ଡ଼ ଠାରୁ ଆରମ୍ଭ କରି ବିଭିନ୍ନ ନିଗମ, ଉପଦେଷ୍ଟା ଆଦି ଢ଼େର ପଦ ଖାଲି । ପଦ ତୁଳନାରେ ବାସ୍ତବ ଦାବିଦାରଙ୍କ ସଂଖ୍ୟା ବି ସେତେ ବେଶୀ ନୁହେଁ । ନିର୍ବାଚନରେ ପରାଜିତ ହୋଇଥିବା କିଛି ବିଧାୟକ ପ୍ରାର୍ଥୀ, ଦଳର କିଛି ଟାଣୁଆ ନେତା ଓ ଦୀର୍ଘଦିନ ପାଇଁ ଦଳ ପାଇଁ କାମ କରିଥିବା ବରିଷ୍ଠ କର୍ମୀଙ୍କୁ ପୁରସ୍କାର ସ୍ୱରୂପ ଏହି ପଦରେ ଥଇଥାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ରଥଯାତ୍ରା ଓ ବିଧାନସଭା ବଜେଟ୍ ଅଧିବେଶନ ପରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବି ଶୁଣିବାକୁ ମିଳୁଛି । ଏହି ସ୍ଥିତିରେ ରାମମନ୍ଦିର ଆଖଡ଼ାର ପୂର୍ବତନ ମୁଖ୍ୟ କୁସ୍ତିଆଳ ସମୀର ମହାନ୍ତିଙ୍କ ପାଇଁ ଗୋଟାଏ ଭଲ ଚୌକି ଖୋଜା ଚାଲିଛି । ଯେଉଁ ଚୌକି ଶିଶୁ କାଠ ପରି ଦମ୍ଭ ହୋଇଥିବ, ଚିକିମିକି କରୁଥିବ ଓ ଓଜନଦାର ହୋଇଥିବ ସେହିପରି ଗୋଟେ ଚୌକି କୁଆଡ଼େ ସମୀରଙ୍କୁ ମିଳିବ । ଦଳର ପୁରୁଖା ନେତା ଓ ଓଡ଼ିଶାରେ ଦଳର ସବୁଠୁ ପ୍ରଭାବଶାଳୀଙ୍କ ଘନିଷ୍ଠତା ଦୃଷ୍ଟିରୁ ତାଙ୍କୁ ସମ୍ମାନର ସହ ଥଇଥାନ କରାଯିବ । ମାତ୍ର ସମୀର ଏ ସମ୍ପର୍କରେ ପୁରା ଚୁପ୍ । ଏ ସମ୍ପର୍କରେ କେହି ବି ପ୍ରଶ୍ନ କଲେ ନିରବରେ ଦୁଇ ବାହା ଉପରକୁ ଟେକି ସମୀର ଅଳ୍ପ ହସି ଦେଉଛନ୍ତି । ସମତଳ ବାଲିଗରଡ଼ାର ଉପର ତଳ ଖୋଜିବା ପରି ସମୀରଙ୍କ ଏହି ଇଙ୍ଗିତର ଅର୍ଥ କ'ଣ କେହି ବୁଝି ପାରୁ ନାହାନ୍ତି । ଏପରିକି ଦୀର୍ଘ ଅତୀତରେ ଏକଦା ତାଙ୍କର ଘନିଷ୍ଠ ବନ୍ଧୁ ସଜ୍ଜନ ମଧ୍ୟ ସମୀରଙ୍କ ଇଙ୍ଗିତ କଳି ପାରୁ ନାହାନ୍ତି । ଏକ ସମୟରେ ରାମମନ୍ଦିର ଆଖଡ଼ାରେ ସମୀର-ସଜ୍ଜନ ଯୋଡ଼ି ସବୁ ଦାୟିତ୍ୱ ସମ୍ଭାଳୁଥିଲେ । ରାଜ୍ୟ ପଦ୍ମ ଆଖଡ଼ାର ଛାମୁଆଁ ଚେହେରା କହିଲେ ଉଭୟଙ୍କୁ ବୁଝା ଯାଉଥିଲା । ଏବେ ସିନା ଆଖଡ଼ାରେ ଲୋକ ହାଉଜାଉ । ଗହଳି ଓ କୋଳାହଳରେ ଆଖଡ଼ା ଫାଟି ପଡୁଛି; ହେଲେ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଦଳ ସହ ରହିଛନ୍ତି ଯେଉଁ ଅଳ୍ପ କିଛି ଲୋକ ରହିଛନ୍ତି ସେମାନଙ୍କ ମଧ୍ୟରୁ ସମୀର ଅନ୍ୟତମ । ତେଣୁ ପ୍ରଥମ ପୁରସ୍କାର ତାଙ୍କର ପ୍ରାପ୍ୟ । ■



## ନୂଆ ପ୍ରଶାସନ ମୁଖିଆ ମନୋଜ

ଅନେକ ଦିନ ହେଲା ମୁଖ୍ୟ ସଚିବ ପ୍ରଦୀପ ଜେନାଙ୍କ ଉତ୍ତରାଧିକାରୀ କିଏ ହେବ ତାକୁ ନେଇ ଭାରି ଚର୍ଚ୍ଚା ଚାଲିଥିଲା । ରାଜଧାନୀ କ୍ଷମତା ଅଳିନ୍ଦରୁ ଆରମ୍ଭ କରି ଭୁବନେଶ୍ୱର କ୍ଲବ, ରାମମନ୍ଦିର ଆଖଡ଼ାରୁ ରେଡ଼କ୍ରସ ଛକ ପର୍ଯ୍ୟନ୍ତ ଏଥିପାଇଁ ଅନେକ ନାମ ଘୂରି ବୁଲୁଥିଲା । ପରବର୍ତ୍ତୀ ମୁଖ୍ୟ ସଚିବ ଭାବରେ ସତ୍ୟବ୍ରତ ସାହୁଙ୍କଠାରୁ ଆରମ୍ଭ କରି ନିକୁଞ୍ଜ ଧଳଙ୍କ ନାମ ସବୁଠୁ ଚର୍ଚ୍ଚାରେ ଥିଲା । କେହିକେହି ପୁଣି ପ୍ରଦୀପ ଜେନାଙ୍କୁ ଆଉଥରେ ଏକ୍ସଟେନ୍‌ସନ ମିଳିପାରେ ବୋଲି ବି କହୁଥିଲେ । ମାତ୍ର ୨୦୨୪ ଏକ୍‌ଜିଟ୍ ପୋଲ ଫେକ୍‌ଜିଟ୍ ପୋଲରେ ପରିଣତ ହେବା ପରି ସବୁ କଳ୍ପନାଜଳ୍ପନାରେ ଭଙ୍ଗା ପକାଇ ଅକସ୍ମାତ ଦିଲ୍ଲୀରୁ ଆସିଲେ ମନୋଜ ଆହୁଜା । ଚାରି ଦିନ ତଳେ ମନୋଜଙ୍କ ପ୍ରତ୍ୟାବର୍ତ୍ତନ ଖବର ମିଳିଥିଲେ ହେଁ ସେ ଯେ ଓଡ଼ିଶା ପ୍ରଶାସନର ନୂଆ ମୁଖିଆ ହେବେ ତାହାକୁ ନେଇ କେହି ଶତ ପ୍ରତିଶତ ନିଶ୍ଚିତ ନ ଥିଲେ । ମାତ୍ର ରାଜ୍ୟରେ ପଦ୍ମ ଦଳର ଅପ୍ରତ୍ୟାଶିତ ବିଜୟ ପରେ ମୋହନ ଅପ୍ରତ୍ୟାଶିତ ମୁଖ୍ୟମନ୍ତ୍ରୀ ହେବା ପରି ମନୋଜଙ୍କୁ ପ୍ରଶାସନ ମୁଖିଆ କରି ଓଡ଼ିଶାବାସୀଙ୍କୁ ଚମକାଇ ଦେଇଛନ୍ତି ରାଜ୍ୟର ନୂଆ ସରକାର । ଖାଲି ଚମକାଇ ଦେଇ ନାହାନ୍ତି; ୧୯୮୦ ମସିହାରୁ ଜଣେ ବରିଷ୍ଠ ଓଡ଼ିଆ ଆଇଏଏସ୍‌ଙ୍କୁ ରାଜ୍ୟ ମୁଖ୍ୟ ସଚିବ କରାଯିବାର ୪୪ ବର୍ଷର ପରମ୍ପରାରେ ବି ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି । ୩୪ ବର୍ଷର ପ୍ରଶାସନିକ ଅଭିଜ୍ଞତା ରଖିଥିବା ମନୋଜ ଆହୁଜାଙ୍କୁ ଅତୀତରେ ଅତି ପାଖରୁ ଆମେ ଦେଖିଛୁ । ଦାୟିତ୍ୱ ପ୍ରତି ନିଷ୍ଠା ବା ତାଙ୍କର କାର୍ଯ୍ୟ ଦକ୍ଷତା ଉପରେ କାହାରି ସନ୍ଦେହ ନାହିଁ । ତାଙ୍କ ବ୍ୟାଚ୍‌ର ଅନ୍ୟ ଆଇଏଏସ୍‌ଙ୍କ ପରି ସେ ମଧ୍ୟ ମୁଖ୍ୟ ସଚିବ ହେବାକୁ ଯୋଗ୍ୟ, ଏଥିରେ ସାମାନ୍ୟତମ ସଂଶୟ ନାହିଁ । ନୂଆ ଦାୟିତ୍ୱ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ତିଳେମାତ୍ର କୁଣ୍ଠା ନାହିଁ । ମାତ୍ର କେଇ ସପ୍ତାହ ତଳେ ନିର୍ବାଚନ ସମୟରେ ଯେଉଁ ପଦୁଆଁ ନେତାମାନେ ଓଡ଼ିଶାରେ ଓଡ଼ିଆ-ଅଣଓଡ଼ିଆ କଥା କହି ପ୍ରଚାର କରୁଥିଲେ, ଅସ୍ମିତାର ବ୍ୟାଖ୍ୟା କରୁଥିଲେ; ସେମାନେ ଓଡ଼ିଶା ପ୍ରଶାସନର ପରମ୍ପରାକୁ ଭୁଲିଗଲେ କେମିତି ? ■



## ଫୁଲ ତୋଡ଼ାର ମୂଲ୍ୟ ପାଞ୍ଚ ଲକ୍ଷ!

ଓଡ଼ିଶାରେ ସାଧାରଣତଃ ଫୁଲ ତୋଡ଼ାର ମୂଲ୍ୟ କେତେ ହୋଇପାରେ? ଦୁଇଶହ ? ପାଞ୍ଚ ଶହ? ହଜାରେ ? ପାଞ୍ଚ ହଜାର? ଓଡ଼ିଶାରେ ଫୁଲ ତୋଡ଼ା ମୂଲ୍ୟ ଏହାଠାରୁ ଯେ ଅଧିକ ହୋଇ ଥାଇପାରେ ତାହା ଆମର ଧାରଣା ବାହାରେ । ତେବେ ଫୁଲ ତୋଡ଼ା ମୂଲ୍ୟ ପାଞ୍ଚ ଲକ୍ଷ ହୋଇଥିବ ବୋଲି କହିଲେ ଆପଣ କ'ଣ ବିଶ୍ୱାସ କରିବେ ? ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ଗତ ରବିବାର ଦିନ ରାଜଧାନୀର ଏକ ଅଞ୍ଚଳରେ ଜଣେ ମନ୍ତ୍ରୀଙ୍କୁ ମିଳିଛି ପାଞ୍ଚ ଲକ୍ଷ ଟଙ୍କିଆ ଫୁଲ ତୋଡ଼ା । ଏ କଥା ଆମେ କହୁନାହୁଁ; ନିଟ୍ ପ୍ରଶ୍ନପତ୍ର ଲିକ୍ ହେବା ପରି ଓଡ଼ିଶାରେ ନୂଆ ମନ୍ତ୍ରୀ ହୋଇଥିବା ସେହି ନେତାଙ୍କ ଘର କଣରୁ ଏହି କଥା ଲିକ୍ ହୋଇଛି । ସରକାର ବଦଳିଲେ ବା ବିଭାଗର ମନ୍ତ୍ରୀ ବଦଳିଲେ ଅଫିସରମାନେ ସ୍ୱାଭାବିକ ଭାବେ ନିଜକୁ ପରିଚିତ କରିବାକୁ ଫୁଲତୋଡ଼ା ଧରି ଆସନ୍ତି । ତେଣୁ ସକାଳ ଦଶଟାରୁ ରାତି ବାରଟା ପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ଦୁଇଟି ମାଲଦାର ବିଭାଗର ତିନି ଡ଼ଜନରୁ ଊର୍ଦ୍ଧ୍ୱ ଅଧିକାରୀ ଫୁଲ ତୋଡ଼ା ଦେବାକୁ ଧାଡ଼ି ଲଗାଇବାରେ କିଛି ଅସ୍ୱାଭାବିକତା ନ ଥିଲା । ତିନିଦିନ ପରେ ମନ୍ତ୍ରୀଙ୍କ ବାସଭବନ ନିକଟରୁ ମ୍ୟୁନିସିପାଲିଟି ଅଳିଆ ବୁହା ଗାଡ଼ିରେ ଅଧଗାଡ଼ିଏ ମଉଳା ଫୁଲତୋଡ଼ା ଲଦା ହୋଇଯିବା ଓ ଅନ୍ୟତ୍ର ଫିଙ୍ଗା ହେବା ଆମ ପରି ଅନେକ ଲୋକ ବି ଦେଖିଲେ । ଆମେ ଆଶ୍ଚର୍ଯ୍ୟ, ପାଞ୍ଚ ଲକ୍ଷ ଟଙ୍କିଆ ଫୁଲତୋଡ଼ା କ'ଣ ଏମିତି ଫିଙ୍ଗାଯାଏ ? କର୍ଣ୍ଣପିଶାଚୀ ଯନ୍ତ୍ରରେ ଖବରଦାତାଙ୍କୁ ଯେତେବେଳେ ବହେ ଶୋଧିଲୁ, ସେ ହସି ହସି ଗଡ଼ିଗଲେ । ଆମକୁ ମୁର୍ଖ ବୋଲି ସମ୍ବୋଧନ କରି ବହେ ଗାଳି କଲେ । ତୁମକୁ କିଏ ବିଦୂର କଲା ବୋଲି ପାଲଟା ପ୍ରଶ୍ନ କଲେ । ଆଉ ଶେଷରେ ହସି ହସି କହିଲେ ପାଞ୍ଚ ଲକ୍ଷ ଟଙ୍କିଆ ଫୁଲ ତୋଡ଼ାର ଅର୍ଥ କ'ଣ ସେୟା ? ଆଜିକାଲି କେଡ଼େ ବଡ଼ବଡ଼ ଫୁଲ ତୋଡ଼ା, ଫୁଲ ଚାଙ୍ଗୁଡ଼ି ଆସିଲାଣି । ମିଠା ପେଡ଼ି, ବହି ପ୍ୟାକେଟ୍ ଧଳା-ମାଟିଆ ଲଫାପା କ'ଣ ଫୁଲ ତୋଡ଼ା ଭିତରେ ଯାଇ ପାରିବ ନାହିଁ? ବନ୍ଧୁଙ୍କ କଥା ଶୁଣି ଆମେ ଚୁପ୍ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।